Bhubaneswar, Sunday, August 30, 2026
ଭୁବନେଶ୍ୱର,ରବିବାର,ଅଗଷ୍ଟ ୩୦, ୨୦୨୬
Vol-01, Issue-120
ବର୍ଷ-୦୧, ସଂଖ୍ୟା -୧୨୦

# ପ୍ରତିଶବ୍ଦ
THE PRATISHABDA

www.pratishabda.com
Email : pratishabda7@gmail.com
Also Available In : YouTube

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ରାଜ୍ୟ ସ୍ତରୀୟ ଡିଜିପି ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

## ମହିଳାବିରୋଧୀ ହିଂସାରେ ଦଣ୍ଡବିଧାନ ହାର ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର,୨୯/୮ :ରାଜ୍ୟ ପୋଲିସ ଭବନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୋଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରତ୍ୟେକ ପ୍ରସ୍ତାବ ଓ ଦିଗକୁ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଓ ସମ୍ମିଳନୀ ମାଧ୍ୟମରେ ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା- ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ , ପୋଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୋଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି। ଏନସିଆରବି ର ତଥ୍ୟ ଅନୁଯାୟୀ ପୂର୍ବରୁ ଥିବା କମ୍ ଦଣ୍ଡବିଧାନ ହାରରେ ଏବେ ଉଲ୍ଲେଖନୀୟ ସୁଧାର ଆସି ୪୦ ପ୍ରତିଶତରୁ ଅଧିକ ହୋଇଛି, ଯାହାକୁ ଅତି କମରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତିକ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାର୍ବଣ ଋତୁ ଆଗତ ହେଉଥିବାରୁ 'ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟକୁ ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ତଟରେଖାର ସୁରକ୍ଷା ଓ ସାମୁଦ୍ରିକ ସୀମା ଦେଇ ହେଉଥିବା ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶା ପୋଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଭୁବନେଶ୍ୱରଠାରେ 'କମାଣ୍ଡ ଆଣ୍ଡ କଂଟ୍ରାଲ ', ୧୦ଟି ଡ୍ରୋନ୍, ୫ଟି ଟ୍ରଲ, ୧୦ଟି ଆଧୁନିକ ଇଂଟରସେପ୍ଟର ବୋଟ୍ କ୍ରୟ ପ୍ରକ୍ରିୟା ଏବଂ ଅଲ୍ ? ଟେରେନ୍ ଭେଇକିଲ୍ (ଏଟିଭି) ମାଧ୍ୟମରେ ବେଳାଭୂମି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି। ସାମୁଦ୍ରିକ ସୁରକ୍ଷା ପାଇଁ ଏସପିଓ ଏବଂ ପୂର୍ବତନ ସେନାକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବାରୁ ଏବଂ ଓଏସଏସଏଫ୍ ବାଟାଲିୟନ, ଆକର୍ଷଣୀୟ ଆତ୍ମସମର୍ପଣ ନୀତି ଯୋଗୁଁ ଓଡ଼ିଶାକୁ କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ସମ୍ମାନିତ କରାଯାଇଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି। ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ,ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ସଂଗଠିତ ଅପରାଧ ବିରୋଧରେ 'ଜିରୋ ଟଲରେନ୍ସ' ନୀତି କାର୍ଯ୍ୟକାରୀ କରାଯାଉଥିବା ବେଳେ ରାଜ୍ୟରେ ଦଣ୍ଡବିଧାନ ହାରକୁ ଅତି କମରେ ୭୫ ପ୍ରତିଶତକୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ଉଚିତ । 'ଡାର୍କ ୱେବ୍' ଏବଂ ସାଇବର ଠକେଇକୁ ରୋକିବା ପାଇଁ ଆଧୁନିକ ଡିଜିଟାଲ ସର୍ଭେଲାନ୍ସ ସହ ବ୍ୟାପକ ସଚେତନତା ସୃଷ୍ଟି କରିବା, ନାଟଗ୍ରିଡ୍ ଓ ସିସିଟିଏନଏସ୍ ମାଧ୍ୟମରେ ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଥାନାଗୁଡ଼ିକର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି। ଏହା ସହିତ ୨୦୨୯ ସୁଦ୍ଧା 'ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ନିଶା ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା, ଥାନାକୁ ଆସୁଥିବା ନିରୀହ ପୀଡ଼ିତଙ୍କ ସହ ସମ୍ବେଦନଶୀଳ ବ୍ୟବହାର କରି 'ପୋଲିସକୁ ଦେଖି ଅପରାଧୀ ଛାନିଆଁ ହେବେ, ନିର୍ଦ୍ଦୋଷ ନାଗରିକ ନୁହଁନ୍ତି' ବୋଲି ବାର୍ତ୍ତା ଦେବା, ପୋଲିସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା, 'କମାଣ୍ଡ ଆଣ୍ଡ କଂଟ୍ରୋଲ ସେଂଟର ' ଓ ଡ୍ରୋନ୍ ମାଧ୍ୟମରେ ୫୭୫ କିଲୋମିଟର ତଟରେଖାର ସୁରକ୍ଷା ଏବଂ ବେଆଇନ ଅନୁପ୍ରବେଶ ରୋକିବା ସହ ଅସାମାଜିକ ତତ୍ତ୍ୱଙ୍କ ଜୋର୍-ଜବରଦସ୍ତି ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରି ସେମାନଙ୍କ କାର୍ଯ୍ୟକ୍ଷେତ୍ରର ସମସ୍ୟା ଓ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ନିଷ୍ଠାର ସହ ସାଧୁତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟର ଶିଳ୍ପ ବିକାଶ ଓ ନାଗରିକଙ୍କ ସୁରକ୍ଷା ପାଇଁ ଓଡ଼ିଶା ପୋଲିସର 'ୱି ସର୍ଭ ଆଣ୍ଡ ପ୍ରଟେକ୍ଟ ' ସ୍ଲୋଗାନକୁ ମନେରଖି "ସୁରକ୍ଷିତ ଓଡ଼ିଶା—ସଶକ୍ତ ଓଡ଼ିଶା—ସମୃଦ୍ଧ ଓଡ଼ିଶା" ଗଠନରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ପୋଲିସ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ ଜନସାଧାରଣଙ୍କ ପ୍ରତି ପୋଲିସର ସେବା ବ୍ୟବସ୍ଥାକୁ ଆହୁରି ଗୁଣାତ୍ମକ ଓ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି।

ଓଡ଼ିଶା ପୋଲିସକୁ ପ୍ରତିଷ୍ଠାଜନକ 'ପ୍ରେସିଡେଂଟସ୍ କଲର ଆୱାର୍ଡ ' ମିଳିଥିବାରୁ ସେ ପୋଲିସ ବାହିନୀକୁ ଆନ୍ତରିକ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ପୋଲିସ ବିଭାଗର ନିରନ୍ତର ନିଷ୍ଠା ଓ ଉତ୍ସର୍ଗୀକୃତ ସେବା ଯୋଗୁଁ ଆଜି ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଫଳ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ସମ୍ଭବ ହୋଇଛି ବୋଲି କହି ସେ ପୋଲିସ ବାହିନୀର ପ୍ରଶଂସା କରିବା ସହ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି।

ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଗଠନମୂଳକ ପରାମର୍ଶ ଓ ଆହ୍ୱାନ ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ଆଗାମୀ ଦିନରେ ସାଇବର ସୁରକ୍ଷା କ୍ଷେତ୍ରରେ ଅଧିକ ବ୍ୟାପକ କାର୍ଯ୍ୟ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅସାମାଜିକ କାର୍ଯ୍ୟକଳାପ ରୋକିବା, ସମ୍ବେଦନଶୀଳ ଓ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ଏବଂ ନିଶାଦ୍ରବ୍ୟ ବେଆଇନ କାରବାର ବିରୋଧରେ ବିଶେଷ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ପୋଲିସ ବାହିନୀ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ତଥା ପୋଲିସ ମହାନିର୍ଦ୍ଦେଶକ ଆର.ପି କୋଚେ, ପୋଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା ସମେତ ରାଜ୍ୟର ସମସ୍ତ ଡିଜିପି ଓ ଆଇଜିପି ଉପସ୍ଥିତ ଥିଲେ।



ଏମଜିଏମ୍ ମିନେରାଲ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ସହାୟତା ପ୍ରଦାନ । କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମହାନ୍ତି ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ୨୯ ଅଗଷ୍ଟ ୨୦୨୬ରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଏକ କୋଟି ଟଙ୍କାର ଚେକ୍ ହସ୍ତାନ୍ତର କରିଥିଲେ।

## ଉଜବେକିସ୍ତାନ ଓ କିର୍ଗିଜ୍ ଗଣରାଜ୍ୟ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ଥାନ ବିବୃତ୍ତି




ନୂଆଦିଲ୍ଲୀ, ୨୯/୮ (ପିଆଇବି): ରାଷ୍ଟ୍ରପତି ଶଭକତ ମିର୍ଜିୟୋୟେଭଙ୍କ ନିମନ୍ତ୍ରଣ କ୍ରମେ ମୁଁ ୨୯-୩୦ ଅଗଷ୍ଟରେ ସରକାରୀ ଗସ୍ତରେ ତାସକେଣ୍ଟ ଯିବି। ଗତ କିଛି ବର୍ଷ ମଧ୍ୟରେ, ଭାରତ-ଉଜବେକିସ୍ତାନ ରଣନୈତିକ ସହଭାଗିତାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ରାଷ୍ଟ୍ରପତି ମିର୍ଜିୟୋୟେଭଙ୍କ ସହ ଆଲୋଚନା କରି ବାଣିଜ୍ୟ ଓ ପୁଞ୍ଜିନିବେଶ, ଡିଜିଟାଲ୍ ସଂଯୋଗ, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ଆମର ସହଯୋଗକୁ ଆହୁରି ସୁଦୃଢ଼ କରିବା ସହିତ 'ବିକଶିତ ଭାରତ' ଓ 'ୟଙ୍ଗ ଉଜବେକିସ୍ତାନ'ର ସମାନ ଦୃଷ୍ଟିକୋଣକୁ ଆଗେଇ ନେବା ନେଇ ମୁଁ ଆଶାବାଦୀ। ଏଥିସହ ମୁଁ ତାସକେଣ୍ଟ ଷ୍ଟେଟ୍ ୟୁନିଭରସିଟି ଅଫ୍ ଓରିଏଣ୍ଟାଲ୍ ଷ୍ଟଡିଜ୍‌ରେ ଥିବା ଶାସ୍ତ୍ରୀ ସ୍ମାରକୀ ଏବଂ ମହାତ୍ମା ଗାନ୍ଧୀ କେନ୍ଦ୍ର ମଧ୍ୟ ପରିଦର୍ଶନ କରିବି, ଯାହା ଆମ ଦୁଇ ଦେଶକୁ ଯୋଡୁଥିବା ନିବିଡ଼ ସାଂସ୍କୃତିକ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ହେବ।

ତାସକେଣ୍ଟରୁ ମୁଁ କିର୍ଗିଜ୍ ଗଣରାଜ୍ୟର ରାଷ୍ଟ୍ରପତି ମହାମହିମ ଶ୍ରୀ ସାଦିର ଜାପାରୋଭଙ୍କ ଆମନ୍ତ୍ରଣ କ୍ରମେ ବିଶେଷ ଯାତ୍ରା କରିବି ଏବଂ ସେଠାରେ ଏକ ମହତ୍ତ୍ୱପୂର୍ଣ୍ଣ ସଂଗଠନ, ସାଂଘାଇ ସହଯୋଗ ସଂଗଠନ (ଏସସିଓ) ୨୫ ବର୍ଷ ପୂରଣ ହେବା ଅବସରରେ ଆୟୋଜିତ ୨୬ତମ ଏସ୍‌ଓସି ଶିଖର ସମ୍ମିଳନୀରେ ଯୋଗଦେବି। ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ସଂଗଠନର ୨୫ ବର୍ଷ ପୂର୍ତ୍ତିକୁ ଚିହ୍ନିତ କରିବ। ଭାରତ ୨୦୧୭ ମସିହାରୁ ଏସସିଓର ଏକ ସକ୍ରିୟ ଏବଂ ଗଠନମୂଳକ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଛି। ସୁରକ୍ଷା, ସଂଯୋଗ ଏବଂ ସୁଯୋଗରେ ସ୍ଥାପିତ ଏହି କ୍ଷେତ୍ର ପାଇଁ ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଏବଂ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର କବଳରୁ ମୁକ୍ତ କରିବା ଏବଂ ଏକ ଅଞ୍ଚଳ ପାଇଁ ସହଯୋଗୀ ସଦସ୍ୟମାନଙ୍କ ସହିତ କାମ କରିବାକୁ ଅପେକ୍ଷା କରିଛି, ଯାହା ଆମ ପଡ଼ ?ଶୀ ଅଞ୍ଚଳ ଏବଂ ବାହାରେ ଶାନ୍ତି ଏବଂ ସ୍ଥିରତାକୁ ବିପଦରେ ପକାଇଛି।

ମୁଁ ରାଷ୍ଟ୍ରପତି ଜାପାରୋଭ ଏବଂ ଏସସିଓର ଅନ୍ୟ ନେତାମାନଙ୍କୁ ଭେଟିବା ସହ ୬ଷ୍ଠ 'ୱାର୍ଲ୍ଡ ନୋମାଡ୍ ଗେମ୍ସ'ର ଉଦ୍ଘାଟନୀ ସମାରୋହରେ ଯୋଗଦେବାକୁ ଉତ୍ସାହର ସହ ଅପେକ୍ଷା କରିଛି। ଏହି ଉତ୍ସବ ମଧ୍ୟ ଏସିଆର ସମୃଦ୍ଧ ଜୀବନ୍ତ ଐତିହ୍ୟର ଏକ ବିଶେଷ ସମାରୋହ, ଯାହା ପ୍ରତି ଭାରତ ଗଭୀର ସମ୍ମାନ ପୋଷଣ କରେ।ବିଶ୍ୱାସ ଅଛି ଯେ ମୋର ଏହି ଗସ୍ତ ମଧ୍ୟଏସିଆରେ ଭାରତର ରଣନୈତିକ ଭାଗିଦାରିକୁ ଆହୁରି ସୁଦୃଢ଼ କରିବ, ଏହି ଅଞ୍ଚଳ ସହିତ ଆମର ସଭ୍ୟତାଗତ ସମ୍ପର୍କକୁ ଆହୁରି ଗଭୀର କରିବ ଏବଂ ବିଶ୍ୱ ସହିତ ଭାରତର ସମ୍ପର୍କର ମୂଳରେ ଥିବା ଶାନ୍ତି, ସ୍ଥିରତା ଓ ସମୃଦ୍ଧିର ଆମର ସାଧାରଣ ଲକ୍ଷ୍ୟକୁ ଆଗେଇ ନେବ। ଏହି ମୂଲ୍ୟବୋଧ ଗୁଡ଼ିକ ହିଁ ବିଶ୍ୱ ସହ ଭାରତର ସମ୍ପର୍କର ମୂଳ ଆଧାର।

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂତନ ନିର୍ଦ୍ଦେଶକଙ୍କ ଯୋଗଦାନ



ଭୁବନେଶ୍ୱର,୨୯/୮ :ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ ଶ୍ରୀ କଲାମୁଦ୍ଦିନ୍ ?, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ । ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡିଥିଲେ । ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ । ଓଡିଶା ରାଜ୍ୟ ପରିବହନ ନିଗମ, କୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୦, ୨୦୨୬

ସମ୍ପାଦକୀୟ

## ଜୁଏଲଙ୍କ ବୟାନ

ଓଡିଶାର ରାଜନୀତିରେ ଶୁକ୍ରବାର ହଠାତ୍ ନୂଆ ଝଡ ସୃଷ୍ଟି ହୋଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଲଏ ଓରାମ ନିଜ ବିରୋଧରେ ଚାଲିଥିବା କଥିତ ଷଡଯନ୍ତ୍ରକୁ ନେଇ ଦେଇଥିବା ବିସ୍ଫୋରକ ବୟାନ ରାଜନୈତିକ ମହଲକୁ ଦୋହଲାଇ ଦେଇଛି। ଦଳ ଭିତରେ ଥିବା କିଛି ଲୋକ ତାଙ୍କୁ ବଦନାମ କରିବା, ରାଜନୈତିକ ଭାବେ ଦୁର୍ବଳ କରିବା ଏବଂ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ହଟାଇବା ପାଇଁ ଟଙ୍କା ଖର୍ଚ୍ଚ କରି ଅଭିଯାନ ଚଳାଉଥିବା ଜୁଏଲ ଅଭିଯୋଗ କରିଛନ୍ତି। କାହାର ନାଁ ନନେଇ ସେ ନିଜ ବିରୋଧୀଙ୍କୁ ସିଧାସଳଖ ଚେତାବନୀ ଦେଇଛନ୍ତି। ନିଜ ପ୍ରତିଷ୍ଠା ଉପରେ ଆଘାତ କରିବାକୁ କେହି ଚେଷ୍ଟା କଲେ ସେ ଚୁପ୍ ବସିବେ ନାହିଁ ବୋଲି ଜୁଏଲ କହିଥିବା ନେଇ ଆଜି ବିଭିନ୍ନ ଗଣମାଧ୍ୟମରେ ଖବରପ୍ରକାଶ ପାଇଛି। ଜୁଏଲଙ୍କ ଏହି ମନ୍ତବ୍ୟର ସବୁଠାରୁ ଚର୍ଚ୍ଚିତ ଦିଗ ହେଉଛି ତାଙ୍କର କଠୋର ଚେତାବନୀ। ନିଜ ଛବି ଓ ସମ୍ମାନକୁ ନଷ୍ଟ କରିବାକୁ ଉଦ୍ୟମ କରୁଥିବା ଲୋକଙ୍କ ବିରୋଧରେ ସେ ଦୃଢ ପ୍ରତିରୋଧ କରିବେ ବୋଲି କହିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିବାବେଳେ, ଜୁଏଲ ନିଜ ଦଳ ଭିତରେ ଥିବା କିଛି ନେତାଙ୍କୁ ନେଇ ଅସନ୍ତୁଷ୍ଟ ଥିବାର ସଙ୍କେତ ମିଳିଛି। ସେ କହିଛନ୍ତି ଯେ ଦଳ ଗଠନରେ ସେ ଦୀର୍ଘବର୍ଷ ଧରି ନିଜର ରକ୍ତ ଓ ଝାଳ ଦେଇଛନ୍ତି ଏବଂ ଦଳ ତାଙ୍କର ଅବଦାନକୁ ମଧ୍ୟ ସ୍ୱୀକାର କରି ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି। ଏଭଳି ସ୍ଥିତିରେ ତାଙ୍କୁ ବାହାର କରିବା କିମ୍ବା ତାଙ୍କ ସ୍ଥାନ ନେବା ପାଇଁ କେହି ଯୋଜନା କରୁଥିଲେ ତାହାକୁ ସେ ଦୃଢ ଭାବେ ପ୍ରତିହିତ କରିବେ ବୋଲି ତାଙ୍କ ବୟାନରୁ ସ୍ପଷ୍ଟ ହେଉଛି। ତେବେ ଜୁଏଲଙ୍କ ଏହି ବିସ୍ଫୋରକ ମନ୍ତବ୍ୟ ପଛରେ ରାଉରକେଲା ସାମ୍ପ୍ରତିକ ଘଟଣାକ୍ରମ ଏକ ବଡ କାରଣ ଭାବେ ଦେଖାଯାଉଛି। ରାଉରକେଲାର ଏକ ସରକାରୀ ବିଶ୍ରାମଗୃହରୁ ଅସ୍ତ୍ରଶସ୍ତ୍ର ଜବତ ଓ ଦୁଇଜଣ ସନ୍ଦିଗ୍ଧଙ୍କ ଗିରଫ ଘଟଣା ପରେ ଜୁଏଲଙ୍କ ସହ ଜଡିତ ଥିବା ରାକେଶ ପାସୱାନଙ୍କ ନାଁ ସାମ୍ନାକୁ ଆସିଥିଲା। ପ୍ରାଥମିକ ତଦନ୍ତରେ ଯେଉଁ କୋଠରୀରୁ ଅସ୍ତ୍ର ଜବତ ହୋଇଥିଲା, ସେହି କୋଠରୀ ପାସୱାନଙ୍କ ନାଁରେ ବୁକ୍ ହୋଇଥିବା ନାଁରେ ବୁକ୍ ହୋଇଥିବା ଜଣାପଡିବା ପରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ପରେ ସେ ଗିରଫ ହୋଇଛନ୍ତି। ଏହି ଘଟଣାକୁ ନେଇ ଜୁଏଲଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ତେବେ ଆଜି ଜୁଏଲ ସ୍ପଷ୍ଟ କରିଛନ୍ତି ଯେ ଆଇନ ତା' ବାଟରେ ଚାଲିବାରେ ତାଙ୍କର କୌଣସି ଆପତି ନାହିଁ। ପାସୱାନ ତାଙ୍କ ସହ କାମ କରୁଥିବା ଜଣେ ଦଳୀୟ କର୍ମୀ ଏବଂ ରାଉରକେଲା ମହାନଗର ନିଗମରେ ତାଙ୍କ ପ୍ରତିନିଧି ଥିବା ସେ ସ୍ୱୀକାର କରିଛନ୍ତି। କିନ୍ତୁ ଅପରାଧ ଘଟଣାରେ ଯଦି ତାଙ୍କ ବିରୋଧରେ ପ୍ରମାଣ ମିଳେ, ତେବେ ଆଇନ ଅନୁସାରେ ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଛନ୍ତି। ଏପଟେ ଜୁଏଲଙ୍କ ମୁହଁରୁ ନିଜ ଦଳ ଭିତରର ଲୋକଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ଘଟଣାକୁ ଆହୁରି ଗମ୍ଭୀର କରିଦେଇଛି। ସେ ଇଙ୍ଗିତ କରିଛନ୍ତି ଯେ ଅନ୍ୟ ରାଜନୈତିକ ଦଳରୁ ଆସି ଦଳର ସାମିଲ ହୋଇଥିବା କିଛି ଲୋକ ଏବେ ତାଙ୍କ ବିରୋଧରେ ସକ୍ରିୟ ହୋଇଛନ୍ତି। ସେମାନେ ତାଙ୍କୁ ରାଜନୈତିକ ଭାବେ ଦୁର୍ବଳ କରି କେନ୍ଦ୍ରରେ ମନ୍ତ୍ରୀ ପଦ ହାସଲ କରିବାର ସୁଯୋଗ ଖୋଜୁଥିବା ନେଇ ସେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗରେ ସେ କୌଣସି ନେତାଙ୍କ ନାଁ ପ୍ରକାଶ କରିନାହାନ୍ତି। ତେଣୁ ତାଙ୍କ ଇଙ୍ଗିତ କାହା ପ୍ରତି, ତାହା ନେଇ ଏବେ ରାଜନୈତିକ ମହଲରେ ଅନୁମାନ ଓ ଚର୍ଚ୍ଚା ଆରମ୍ଭ ହୋଇଛି। ଜୁଏଲଙ୍କ ବୟାନର ରାଜନୈତିକ ଗୁରୁତ୍ୱ ଏଥିପାଇଁ ଅଧିକ ଯେ ସେ ଦୀର୍ଘଦିନ ଧରି ଓଡିଶାର ରାଜନୀତିରେ ଜଣେ ପ୍ରଭାବଶାଳୀ ଆଦିବାସୀ ନେତା ଭାବେ ପରିଚିତ। ସୁନ୍ଦରଗଡ ଲୋକସଭା ଆସନରୁ ତାଙ୍କର ଦୀର୍ଘ ରାଜନୈତିକ ଅଭିଜ୍ଞତା ରହିଛି। ଏଭଳି ଜଣେ ବରିଷ୍ଠ ନେତା ଯେତେବେଳେ ନିଜ ଦଳ ଭିତରୁ ନିଜ ବିରୋଧରେ ଷଡଯନ୍ତ୍ର ହେଉଥିବା କଥା ସାମ୍ନାକୁ ଆଣୁଛନ୍ତି, ତାହା କେବଳ ବ୍ୟକ୍ତିଗତ ଅଭିଯୋଗ ଭାବେ ରହୁନାହିଁ, ଏହା ଦଳୀୟ ସଂଗଠନ ଓ ଆନ୍ତରୀଣ ସମୀକରଣ ନେଇ ମଧ୍ୟ ପ୍ରଶ୍ନ ଉଠାଉଛି। ରାଉରକେଲା ଓ ସୁନ୍ଦରଗଡରେ ଦଳୀୟ ନେତାମାନଙ୍କ ମଧ୍ୟରେ କେତେ ଦୂର ମତଭେଦ ରହିଛି, ତାହା ଆଜିର ଘଟଣା ପରେ ପୁଣି ଚର୍ଚ୍ଚାକୁ ଆସିଛି। ଜୁଏଲଙ୍କ ବୟାନ ଏକପଟେ ତାଙ୍କ ରାଜନୈତିକ ଦୃଢତାକୁ ପ୍ରକାଶ କରୁଥିବାବେଳେ, ଅନ୍ୟପଟେ ଦଳ ଭିତରେ ଥିବା ଶକ୍ତି ସଂଘର୍ଷର ଆଭାସ ଦେଉଛି। ତାଙ୍କୁ କେନ୍ଦ୍ରମନ୍ତ୍ରୀ ପଦରୁ ହଟାଇବା ପାଇଁ କଥିତ ଚକ୍ରାନ୍ତର ଅଭିଯୋଗ ସାଧାରଣ ଦଳୀୟ ମତଭେଦଠାରୁ ଅଧିକ ଗମ୍ଭୀର।

ମହଙ୍ଗା ମାଡରେ ଥରୁଛି ଓଡ଼ିଶା : କଂଗ୍ରେସ

# ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରଦାମ ବୃଦ୍ଧି ବୋଝ ଉପରେ ନଳିତା ବିଡା : କଂଗ୍ରେସ




ଭୁବନେଶ୍ୱର,୨୯/୮ :ଦରଦାମ ବୃଦ୍ଧି ଓଡ଼ିଶାର ଗରିବ, ସ୍ୱଳ୍ପ ଆୟକାରୀବର୍ଗ, ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ବଡ ଚିନ୍ତାର କାରଣ ପାଲଟି ଗଲାଣି। ଲୋକଙ୍କ ପାଖରେ ଖର୍ଚ୍ଚ କରିବା ପାଇଁ ପଇସା କିନ୍ତୁ ପିଆଜ କିଲୋ ୬୫ ଟଙ୍କା, ଚିନି କିଲୋ-୭୫ ଟଙ୍କା ଓ ସମସ୍ତ ପନିପରିବା ଦାମ – ୮୦ ଟଙ୍କାରୁ ୧୦୦ ଟଙ୍କା ଏପରିକି ଖାଇବା ତେଲ ଠାରୁ ଆରମ୍ଭ କରି ଔଷଧ ପତ୍ର ସବୁ କିଛିର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ଏହି ଅପ୍ରାକୃତିକ

ଦରଦାମ ବୃଦ୍ଧି ଯୋଗୁ ସାରା ଓଡ଼ିଶାର ପ୍ରତ୍ୟେକ ପରିବାର ପାଇଁ ଏହା ବୋଝ ଉପରେ ନଳିତା ବିଡା ପାଲଟିଛି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ସାମ୍ବାଦିକ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଶ୍ରୀ ମହାନ୍ତି କହିଥିଲେ ଯେ, ୧୫ ଦିନ ପୂର୍ବରୁ ଚିନି କିଲୋ ବଜାରରେ ୫୦ ଟଙ୍କା ଥିଲାବେଳେ ହଠାତ୍‌କିନା ଏହା ୭୦ ଟଙ୍କା କୁ ପାର ହୋଇ ୭୫ ଟଙ୍କା ପହଂଚିଗଲାଣି। ସବୁଠାରୁ ଦୁଃଖର କଥା ଦେଶରେ ଚିନି ଉତ୍ପାଦନ ଆବଶ୍ୟକତା ଠାରୁ ଢ଼େର ଅଧିକ ହୋଇଥିଲାବେଳେ ଏଭଳି ପରିସ୍ଥିତି କାହିଁକି ଉପୁଜିଛି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ପ୍ରତିବର୍ଷ ଆମ ଦେଶରେ ୨୮୦ ରୁ ୩୦୦ ଲକ୍ଷ ଟନ ପର୍ଯ୍ୟନ୍ତ ଚିନିର ଆବଶ୍ୟକତା ପଡିଥାଏ। ସେହି ତୁଳନାରେ ୨୦୨୪ – ୨୫ ବର୍ଷରେ ୩୧୯ ଲକ୍ଷ ଟନ ଚିନି ଉତ୍ପାଦନ ହୋଇଥିଲାବେଳେ ୨୮୦ ଲକ୍ଷ ଟନ ଖାଇବା ପାଇଁ ଆବଶ୍ୟକତା ପଡିଥିଲା। ୨୦୨୫-୨୬ ବର୍ଷରେ ୩୧୦ ଲକ୍ଷ ଟନ ଚିନି ଉତ୍ପାଦନ ହୋଇଥିଲାବେଳେ ଆବଶ୍ୟକତା ମାତ୍ର ୨୯୫ ଲକ୍ଷ ଟନ ଥିଲା। ବିଗତ ୫ବର୍ଷର ଉତ୍ପାଦନ ଓ ଖାଉଟି ବ୍ୟବହାର ତଥ୍ୟକୁ ଦେଖିଲେ ଉତ୍ପାଦନ ଆବଶ୍ୟକତା ଠାରୁ ଢ଼େର ଅଧିକ ଥିଲାବେଳେ କାହିଁକି ଚିନି ଦାମ ହଠାତ୍ କିନା ହୁ ହୁ ହୋଇ ବଢ଼ିଗଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ଭାରତ ବର୍ଷର ଚିନି ଫ୍ୟାକ୍ଟ୍ରି ମାଲିକମାନଙ୍କର ଆସୋସିଏସନ ତରଫରୁ ପ୍ରେସ ବିଜ୍ଞପ୍ତିରେ କୁହାଗଲା ଚିନିର କୌଣସି ସଙ୍କଟ ନାହିଁ। ଯଦି ଚିନି ଯଥେଷ୍ଟ ମହଜୁଦ ଅଛି ତାହାଲେ ବଜାରରେ ଦାମ କିପରି ବଢ଼ିଲା ଏହା ହେଉଛି ସବୁଠାରୁ ବଡ ପ୍ରଶ୍ନ। ପ୍ରକୃତ କଥା ହେଉଛି କେନ୍ଦ୍ର ସରକାର ଚିନି ଯୋଗାଣକୁ ସୂଚାରୁରୂପେ

ପରିଚାଳନା କରି ନ ପାରିବା ହେତୁ ଏବଂ ମହଜୁଦକାରୀଙ୍କ ପ୍ରତି ସରକାରଙ୍କର ଦୁର୍ବଳତା ଥିବା ହେତୁ ଆଜି ସାଧାରଣ ପରିବାରବର୍ଗଙ୍କୁ ଦଣ୍ଡ ଗଣିବାକୁ ପଡୁଛି। ଖାଲି ସେତିକି ନୁହେଁ ରାଜ୍ୟରେ ପିଆଜର ଦାମ ସପ୍ତାହ ତଳେ ବଜାରରେ ୩୦ ଟଙ୍କା କେଜି ପ୍ରତି ଥିଲାବେଳେ କାହିଁକି ଏହା ୬୫ ଟଙ୍କା ବୃଦ୍ଧି ପାଇଛି। ଏକ ଅନୁସନ୍ଧାନ ଭିତ୍ତିକ ତଥ୍ୟରୁ ଯାହା ଜଣାପଡୁଛି ଯେ ଆମ ଦେଶରେ ପ୍ରତିବର୍ଷ ୧୫୦ ଲକ୍ଷ ରୁ ୧୭୦ ଲକ୍ଷ ଟନ ପିଆଜ ଖାଇବା ପାଇଁ ଆବଶ୍ୟକତା ଥିଲାବେଳେ ଦେଶରେ ୨୪୦ ଲକ୍ଷ ଟନ ରୁ ଅଧିକ ପିଆଜ ଉତ୍ପାଦନ ହେଉଛି। କିନ୍ତୁ ତଥାପି ପିଆଜି ଶସ୍ତା ହେବା ପରିବର୍ତ୍ତେ ଦର ଆକାଶ ଛୁଆଁ। ଏହା ଆମ ସରକାରଙ୍କର ବେପାରୀମାନଙ୍କର ଥିବା ଦୁର୍ବଳତା ଓ ଅନୁକମ୍ପା ହେତୁ ଓଡ଼ିଶାର ଗରୀବ ଓ ଶ୍ରମିକ ପରିବାରଟି ଅଧିକ ପଇସା ଦେଇ ପିଆଜି କିଣିବାକୁ ପଡୁଛି। ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏଭଳି ସ୍ଥିତି ପାଇଁ ସାମାନ୍ୟତମ ଚିନ୍ତ ମଧ୍ୟ ନାହିଁ। ପନିପରିବା ବଜାରରେ ନିଆଁ ଲାଗିଛି। ଓଡ଼ିଶା ଏକ ମାତ୍ର ରାଜ୍ୟ ଭାରତ ବର୍ଷରେ ଯେଉଁଠାରେ ଖୁଚୁରା ଖାଉଟି ମୁଦ୍ରାସ୍ଫିତି ସାରା ଦେଶ ଠାରୁ ଅଧିକ ଏବଂ ସବୁଠାରୁ ଚିନ୍ତାର ବିଷୟ ହେଲା ସହରାଂଚଳଠାରୁ ଗ୍ରାମାଂଚଳର ଲୋକେ ଦରଦାମ ବୃଦ୍ଧି ଯୋଗୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏ ରାଜ୍ୟରେ ଲୋକଙ୍କ ପାଖରେ ଆୟ ନାହିଁ, ଯୁବକଙ୍କର ନିଯୁକ୍ତି ନାହିଁ, ଚାଷୀ ହନ୍ତସନ୍ତ, ପେଟ ପାଇଁ ଦାଦନର ସୁଅ ଛୁଟୁଛି ତଥାପି ଲୋକଙ୍କ ସରକାର ନାହିରେ ତେଲ ଦେଇ ଶୋଇଛନ୍ତି। ରାଜ୍ୟରେ ଖାଦ୍ୟ ଯୋଗାଣମନ୍ତ୍ରୀଙ୍କର ଦାୟିତ୍ୱ କଣ ବଜାର ଦରଦାମର ସ୍ଥିତିକୁ ନିୟନ୍ତ୍ରଣ କରିବା କାହାର ଦାୟିତ୍ୱ ସରକାରଙ୍କର ନା କଂଗ୍ରେସର ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟତମ ନେତା ସୁଦର୍ଶନ ଦାସ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ରାଜ୍ୟରେ ଶତକଡ଼ା ୪୦ ପ୍ରତିଶତ ମିଠା ଦୋକାନ ରାକ୍ଷୀ ପୂର୍ଣ୍ଣିମାରେ ବନ୍ଦ ହୋଇଯାଇଛି। ଭଉଣୀଟିଏ ଭାଇ ହାତରେ ରାକ୍ଷୀ ବାନ୍ଧିବା ପାଇଁ ମିଠାଟିଏ କିଣି ପାରିଲା ନାହିଁ। ରାଜ୍ୟର ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣଙ୍କ ମନରେ ଘୋର ଅସନ୍ତୋଷ। ଏଭଳି ସ୍ଥିତି ପାଇଁ ଏ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ସେ କହିଥିଲେ।

# ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ଅବଧି ଅକ୍ଟୋବର ଯାଏଁ ବଢ଼ାନ୍ତୁ ସରକାର : ଓଜେସି




ଭୁବନେଶ୍ୱର,୨୯/୮ : ରାଜ୍ୟରେ ଜାରି ରହିଥିବା ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣରେ ସମସ୍ୟା ଓ ସାରା ରାଜ୍ୟରୁ ଆସୁଥିବା ପୁଳାପୁଳା ଅଭିଯୋଗ, ଅସନ୍ତୋଷକୁ ନେଇ ସରକାରଙ୍କ ଉପରେ ବର୍ଷିଛି ଓଡ଼ିଶା ଜନତା କଂଗ୍ରେସ ପାର୍ଟି । ଚାଷର ଅସଲ ସମୟରେ ଅନ୍ନଦାତାଙ୍କୁ ବିଭିନ୍ନ ନିୟମର ଭେଳିକି ଦେଖାଇ ପଞ୍ଜିକରଣ ପାଇଁ ଲାଇନରେ ଛିଡ଼ା କରାଇଥିବା ରାଜ୍ୟ ସରକାରଙ୍କ ଏ କେଉଁ ପ୍ରକାର ମାନସିକତା ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି । ଏନେଇ ଓଜେସି ପକ୍ଷରୁ ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଅଛି । ଏଥିରେ ଓଡ଼ିଶା କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ଶ୍ରୀ ସଂଗ୍ରାମ କିଶୋର ମାଝୀ କହିଥିଲେ ଯେ, ଓଡ଼ିଶାରେ ବାରମ୍ବାର ବର୍ଷା ଓ ବନ୍ୟା ହୋଇ ଚାଷୀମାନଙ୍କର ଦୁଃଖକୁ ବଢ଼ାଇ ଦେଇଛି । ଏଥିରେ ଅତିଷ୍ଠ ହୋଇ ଚାଷୀମାନେ ଦୁଃଖରେ ଥିବାବେଳେ ସରକାର ଚାଷୀ ମାନଙ୍କ ପ୍ରତି ଯେଉଁଭଳି ଭାବେ ବ୍ୟବହାର ଦେଖାଇଛନ୍ତି, କୌଣସି ରାଜ୍ୟରେ ଏପରି ଦେଖାଯାଏ ନାହିଁ । ସରକାର ଚାଷୀମାନଙ୍କ ଦୁଃଖରେ ଦୁଃଖୀ ହେବା ବଦଳରେ ଚାଷୀମାନଙ୍କୁ ଲାଇନରେ ଠିଆ କରାଉଛନ୍ତି । ଯେମିତି ନୋଟ୍ ବଦଳାଇ ଲୋକଙ୍କୁ ଲାଇନରେ ଠିଆ କଲେ, ପେଟ୍ରୋଲ ପାଇଁ ଲୋକଙ୍କୁ ଲାଇନରେ ଠିଆ କଲେ, ସେଭଳି ଭାବେ ଧାନ ବିକ୍ରି ପାଇଁ ଲାଇନରେ ରେଜିଷ୍ଟ୍ରେସନ ପାଇଁ ଠିଆ କରୁଛନ୍ତି । ସରକାରଙ୍କ ଏତାଦୃଶ ନିଷ୍ପତ୍ତି ପାଇଁ ଆଜି ଚାଷୀମାନେ ଖରିଫ ଧାନ ବିକ୍ରି ପାଇଁ ପ୍ରତ୍ୟେକ ପ୍ୟାକସ, ଲ୍ୟାମ୍ପସ, ସୋସାଇଟିରେ ରାତିରୁ ଲାଇନରେ ଲାଗିଛନ୍ତି । ଏହାସତ୍ତ୍ୱେ ମଧ୍ୟେ ସମସ୍ତେ ରେଜିଷ୍ଟ୍ରେସନ କରିପାରୁନାହାନ୍ତି । ରେଜିଷ୍ଟ୍ରେସନ ଅବଧି, ଅଗଷ୍ଟ ୬ରୁ - ଅଗଷ୍ଟ ୩୧ ମାତ୍ର ୨୫ ଦିନ ପର୍ଯ୍ୟାପ୍ତ ସମୟ ନୁହେଁ ।

ଗୋଟିଏ ଗୋଟିଏ ସୋସାଇଟି, ପିଏସିଏସ୍, ଏଲଏଏମସରେ ୭ରୁ ୮ଜଣ ଚାଷୀ ଗୋଟିଏ ଦିନରେ ରେଜିଷ୍ଟ୍ରେସନ କରୁଛନ୍ତି । କେଉଁଠି ଇଣ୍ଟରନେଟ୍ ସ୍ଲୋ ରହୁଛି ତ କେଉଁଠି କରେଣ୍ଟ ରହୁନି । ଯାହାଦ୍ୱାରା ରେଜିଷ୍ଟ୍ରେସନ ହୋଇପାରୁନାହିଁ । ରେଜିଷ୍ଟ୍ରେସନ ପାଇଁ ସରକାର ଯେଉଁ କାଗଜପତ୍ର ଫନ୍ଦି କରିଛନ୍ତି ସେଥିରେ ଚାଷୀମାନେ ଆରଆଇ ଅଫିସ, ତହସିଲ ଅଫିସ ଶୈଡ଼ି ଶୈଡ଼ି ନୟାନ୍ତ ହେଉଛନ୍ତି । ସେପଟେ ଆରଆଇ ଓ ତହସିଲ ଅଫିସରେ କର୍ମଚାରୀ ଅଭାବରୁ କାମ ହୋଇପାରୁନାହିଁ । ରେଜିଷ୍ଟ୍ରେସନ ପ୍ରକ୍ରିୟା ସରଳିକରଣ କରିବାପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ, କିନ୍ତୁ ତାହା କେବଳ କଥାରେ ରହିଗଲା । ବିଭାଗ କୌଣସି ନୋଟିସ୍ ନ କରିବା ଦ୍ୱାରା ଅଫିସରମାନେ କେହି ମାନୁନାହାନ୍ତି । ଗାଁ ଗାଁରେ ଚାଷୀଭାଇମାନେ କହୁଛନ୍ତି, ଏ ବାହାପିଆ, କଥାକୁହା, ମିଛୁଆ ଓ ମହଙ୍ଗା ସରକାର । ତେବେ କୌଣସି ବିଳମ୍ବ ନ କରି ସରକାର ତୁରନ୍ତ ଖରିଫ ଧାନ ପାଇଁ ପଞ୍ଜିକରଣ ସମୟ ଅବଧି ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି କରନ୍ତୁ। ପଞ୍ଜିକରଣ ପାଇଁ ପ୍ରକ୍ରିୟା ସରଳିକରଣ କରନ୍ତୁ ଏବଂ ନିୟମକୁ ସମସ୍ତ ସୋସାଇଟି, ପିଏସି ଓ ଲାମପସକୁ ମାନିବାକୁ ବାଧ୍ୟତାମୂଳକ କରନ୍ତୁ । ଡିଜିଟାଲ ଇଣ୍ଡିଆ ପ୍ରଚାର କରୁଥିବା ସରକାର ସବୁ ରେଜିଷ୍ଟ୍ରେସନ ହେଉଥିବା ସ୍ଥାନକୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ଓ ପର୍ଯ୍ୟାପ୍ତ କମ୍ପ୍ୟୁଟର ସିଷ୍ଟମ ଯୋଗାଇ ଦିଅନ୍ତୁ। କରେଣ୍ଟ ରହୁନଥିବା ସ୍ଥାନରେ ଜେନେରେଟର ବ୍ୟବସ୍ଥା କରନ୍ତୁ । ଭାଗଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ଧାନ ଦିଅନ୍ତୁ ଓ ଯେଉଁମାନେ ଠାକୁରଙ୍କ ଜମି ଚାଷ କରୁଛନ୍ତି, ସେମାନଙ୍କୁ ସୁବିଧାରେ ଓ ସରଳ ପଞ୍ଜିକରଣ ଅନ୍ତର୍ଭୁକ୍ତ କରନ୍ତୁ । ଗୋଟିଏ ଖାତା, ଗୋଟିଏ ପ୍ଲଟ୍ ଯଦି ଜେଜେ କିମ୍ବା ଅଣଜେଜେଙ୍କ ନାମରେ ଅଛି ଏବଂ ସେ ଚାଷଜମି ଉପରେ ଏକମାତ୍ର ଦାବିଦାର ଭାବରେ ଜଣେ ଚାଷୀ ପଞ୍ଜିକରଣ କରିବାପାଇଁ ଚାହୁଁଛନ୍ତି, ତେବେ ଆରଆଇ ରିପୋର୍ଟ କ'ଣ ପାଇଁ ଆବଶ୍ୟକ ଏଭଳି କ୍ଷେତ୍ରରେ ବିନା ଆରଆଇ ରିପୋର୍ଟରେ ପଞ୍ଜିକରଣ ବ୍ୟବସ୍ଥା କରାଯାଉ ବୋଲି କୃଷକ ଜନତା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ।

ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସି ଉପସଭାପତି ନଜିବୁର ରେହମାନ ଖାନ, କୃଷକ ନେତା ଦିପ୍ତୀରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବକ୍ସାଇଟ୍ ଖନନରେ ରୋକ ଲଗାଅ, ଭବିଷ୍ୟତ ପିଢ଼ି ପାଇଁ ସମ୍ପଦ ବଞ୍ଚାଅ



ଭୁବନେଶ୍ୱର,୨୯/୮ : ଓଡ଼ିଶାର ବକ୍ସାଇଟ୍ ସମ୍ପଦର ସୁରକ୍ଷା ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଦାବିରେ ବିଶିଷ୍ଟ ନାଗରିକମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରତିନିଧିମଣ୍ଡଳୀରେ ଓଡ଼ିଶାର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ, ପୂର୍ବତନ ପ୍ରଶାସକ ସଞ୍ଜୀବ ହୋତା ଓ ଅରବିନ୍ଦ ବେହେରା, ପରିବେଶବିତ୍ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପାଲିତ ଏବଂ ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ସାମିଲ ଥିଲେ। ରାଜ୍ୟରେ ନୂତନ ବକ୍ସାଇଟ୍ ଖଣି ଖନନ ବନ୍ଦ କରିବା ସହ ଉପଲବ୍ଧ ଖଣିଜ ସମ୍ପଦକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ରଖିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ଦାବିକୁ ସମର୍ଥନ କରି ପୂର୍ବତନ ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ସମେତ ୨୪ରୁ ଅଧିକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ପତ୍ରରେ କୁହାଯାଇଛି ଯେ ଓଡ଼ିଶାର ବିକାଶ ସମାବେଶୀ, ନ୍ୟାୟସଙ୍ଗତ ଓ ପରିବେଶ ଅନୁକୂଳ ହେବା ଆବଶ୍ୟକ। କେବଳ ଖଣିଜ ସମ୍ପଦର ଅଧିକ ଉତ୍ତୋଳନ ଓ ଶିଳ୍ପ ବିକାଶକୁ ବିକାଶର ମାପକାଠି କରାଯାଇପାରିବ ନାହିଁ। କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ପୂର୍ବଘାଟ ପର୍ବତମାଳାରେ ବକ୍ସାଇଟ୍ ଖନନର ଦ୍ରୁତ ସମ୍ପ୍ରସାରଣକୁ ନେଇ ପ୍ରତିନିଧିମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳ ଜଙ୍ଗଲ, ଜଳସମ୍ପଦ ଓ ଜୈବ ବିବିଧତାରେ ସମୃଦ୍ଧ ହେବା ସହ ଅନେକ ଆଦିବାସୀ ସମ୍ପ୍ରଦାୟର ଜୀବନ ଓ ଜୀବିକା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କଳାହାଣ୍ଡି ଜିଲ୍ଲାର ୨୪୮ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କର୍ଲାପାଟ ବକ୍ସାଇଟ୍ ଅଞ୍ଚଳକୁ ଏକ ଶିଳ୍ପ ସଂସ୍ଥାକୁ ଲିଜ୍ ଦିଆଯିବା ନେଇ ମଧ୍ୟ ସେମାନେ ଚିନ୍ତା ପ୍ରକାଶ କରିଛନ୍ତି। ୧୮୨୨.୬୧ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ କର୍ଲାପାଟ ବକ୍ସାଇଟ୍ ଅଞ୍ଚଳ କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟ ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରାକୃତିକ ପରିସଂସ୍ଥାର ଅଂଶ ବୋଲି ପତ୍ରରେ ଦର୍ଶାଯାଇଛି। ଏଠାକାର ଝରଣାଗୁଡ଼ିକ ବିଭିନ୍ନ ନଦୀ ଓ ସ୍ଥାନୀୟ ଜଳସ୍ରୋତକୁ ଜଳ ଯୋଗାଇଥାଏ। ତେଣୁ ବ୍ୟାପକ ଖଣି ଖନନ ଦ୍ୱାରା ଜଙ୍ଗଲ, ଜଳସମ୍ପଦ ଓ ଜୈବ ବିବିଧତା ଉପରେ ଅପୂରଣୀୟ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ପୂର୍ବଘାଟ ଅଞ୍ଚଳରେ ଖଣି ଖନନର ବିସ୍ତାର ଆଦିବାସୀ ସମ୍ପ୍ରଦାୟର ଜୀବନ ଓ ଜୀବିକା ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ନାଗରିକମାନେ କହିଛନ୍ତି। ଜଙ୍ଗଲ, ଚାଷଜମି, ଜଳସ୍ରୋତ ଓ ପ୍ରାକୃତିକ ସମ୍ପଦ ହିଁ ଏହି ଅଞ୍ଚଳର ଲୋକଙ୍କ ଜୀବିକାର ମୁଖ୍ୟ ଆଧାର। ଏଗୁଡ଼ିକ ନଷ୍ଟ ହେଲେ ବିସ୍ଥାପନ, ଦାରିଦ୍ର୍ୟ, ଜୀବିକା ହରାଇବା ଓ ବାଧ୍ୟତାମୂଳକ ପ୍ରବାସନ ଭଳି ସମସ୍ୟା ଗୁରୁତର ହୋଇପାରେ। କୋରାପୁଟର ସେମିଳିଗୁଡ଼ା ଅଞ୍ଚଳର ମାଳି ପର୍ବତରେ ସ୍ଥାନୀୟ ଆଦିବାସୀମାନେ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଖଣି କାର୍ଯ୍ୟ ବିରୋଧରେ ଆନ୍‌ଦୋଳନ କରିଆସୁଥିବା କଥା ମଧ୍ୟ ପତ୍ରରେ ଉଲ୍ଲେଖ କରାଯାଇଛି। ଜମି, ଜଙ୍ଗଲ ଓ ଜୀବିକା ସମ୍ପର୍କିତ ନିଷ୍ପତ୍ତି ନେବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ମତାମତ ଶୁଣିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମସଭାରେ ଲୋକେ କୌଣସି ଭୟ କିମ୍ବା ଚାପ ବିନା ନିଜର ମତ ପ୍ରକାଶ କରିପାରିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ଲୋକଙ୍କ ଅଧିକାର ଓ ସମ୍ମାନର ସୁରକ୍ଷା କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହେବା ଉଚିତ ବୋଲି ନାଗରିକମାନେ ମତ ଦେଇଛନ୍ତି। କେବଳ ଖଣିଜ ଉତ୍ତୋଳନ ବୃଦ୍ଧି କିମ୍ବା ଶିଳ୍ପ ବିକାଶ ଆଧାରରେ ରାଜ୍ୟର ବିକାଶକୁ ମାପିବା ଉଚିତ ନୁହେଁ। ଖଣି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆୟ, ଜୀବିକା, ଖାଦ୍ୟ ନିରାପତ୍ତା, ଆତ୍ମସମ୍ମାନ ଓ ଭବିଷ୍ୟତ ପିଢ଼ି ପାଇଁ ସୁଯୋଗ ବଢୁଛି କି ନାହିଁ, ତାହାକୁ ବିକାଶର ପ୍ରକୃତ ମାପକାଠି କରାଯିବା ଦରକାର। ଖଣିଜ ସମ୍ପଦର ପ୍ରଚୁରତା ସ୍ୱତଃ ମାନବ ବିକାଶର ନିଶ୍ଚିତତା ନୁହେଁ। ତେଣୁ ଖଣିଜ ସମ୍ପଦର ସର୍ବାଧିକ ଉତ୍ତୋଳନ ପରିବର୍ତ୍ତ ଏଥିରେ ସନ୍ତୁଳନ ରଖିବା ଆବଶ୍ୟକ। ବିଶେଷକରି ଜୈବ ବିବିଧତାରେ ସମୃଦ୍ଧ ଓ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଖଣି ଖନନରୁ ସୁରକ୍ଷିତ ରଖିବାକୁ ସେମାନେ ଦାବି କରିଛନ୍ତି। ରାଜ୍ୟରେ ଦ୍ରୁତ ଗତିରେ ବଢୁଥିବା ଖଣିଜଭିତ୍ତିକ ବିକାଶକୁ କିଛି ସମୟ ପାଇଁ ରୋକି ଏହାର ସାମାଜିକ ଓ ପରିବେଶଗତ ପ୍ରଭାବର ସମୀକ୍ଷା କରିବାକୁ ନାଗରିକମାନେ ଦାବି କରିଛନ୍ତି। ପରିବେଶ ସୁରକ୍ଷା, ସାମାଜିକ ନ୍ୟାୟ, ସ୍ଥାନୀୟ ଲୋକଙ୍କ ଅଧିକାର ଓ ସମ୍ମାନକୁ ଓଡ଼ିଶାର ବିକାଶ ନୀତିର କେନ୍ଦ୍ରରେ ରଖିବା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଓଡିଶାର କାଳି ଦାସ ସମ ଗଙ୍ଗାଧର - ଉତ୍କଳ ସମ୍ମିଳନୀ




ଭୁବନେଶ୍ୱର, ୨୯/୮ :ଆଜି ଶ୍ରାବଣ ପୂର୍ଣମା ଦିନାଙ୍କ ୨୮/୦୮/ ୨୦୨୬ ପୂର୍ବାହ୍ନ ୮ଟା ସମୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ଜନ୍ମ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି ଙ୍କ ଅଧକ୍ଷତା ଏବଂ ସାଧାରଣ ସମ୍ପାଦକ ଡା. ରାଧାନାଥ ପ୍ରହରାଜ ଙ୍କ ପରିଚ଼ାଳନାରେ ସ୍ଥାନୀୟ କଳିଙ୍ଗ ଡାକ୍ତରଖାନା ଛକରେ ଥିବା ଉକ୍ ବିଶିଷ୍ଟ ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ସ୍ମୃତିଚ଼ାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ବକ୍ତାମାନେ କବି ଙ୍କ କାଳଜୟୀ ସାରସ୍ୱତ ସୃଷ୍ଟିର ଭୂୟସୀ ପ୍ରଂଶସା କରିବା ବେଳେ ତାଙ୍କୁ ଓଡିଶା ର କାଳିଦାସ ଭାବରେ ଅଭିହିତ କରି ତପସ୍ୱିନୀ କାବ୍ୟର ପ୍ରକୃତି ବର୍ଣ୍ଣନା ପାଇଁ ସେ ଆମର ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ ! ପରାଧୀନ ଭାରତ ବର୍ଷ ଓଡ଼ିଆ ଭାଷାର ବିପତି କାଳରେ ବିଶେଷ କରି ସମ୍ବଲପୁର ଅଂଚ଼ଳରେ କୋର୍ଟ କଚେରୀ ରୁ ଓଡ଼ିଆ ଭାଷା ଉଚ୍ଛେଦ କରି ହିନ୍ଦୀ ଭାଷା ପ୍ରଚ଼ଳନ କୁ ବିରୋଧ କରି ମାତୃଭାଷା ଓଡ଼ିଆ ସପକ୍ଷରେ ସେ ଯେଉଁ ପଂକ୍ତି ମାନ ଲେଖି ଯାଇଛନ୍ତି ତାହା ତାଙ୍କ ବ୍ୟକ୍ତିତ୍ୱର ଔଜ୍ୱଲ୍ୟକୁ ଅଧିକ ପରିପୁଷ୍ଟ କରିଛି ।

ସେହିପରି ରଂଗଜୀବି ଗଙ୍ଗାଧର କର୍ମ କୁଶଳତା ର ଅନନ୍ୟ ବ୍ୟକ୍ତିତ୍ୱ ଭାବରେ ନିଜର ପରିଚ଼ୟ ସୃଷ୍ଟି କରିଥିବା ବେଳେ ନିଜକୁ ସ୍ୱାଭିମାନୀ ଭୂମିକାରେ ବାରମ୍ବାର ଅବତୀର୍ଣ୍ଣ କରିବା ସହ ସରଳତାରେ ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ମଧ ଉପସ୍ଥାପନା କରି ପାରିଛନ୍ତି ! ସୁତାରଣ ଏହି ଯୋଗଜନ୍ମା ଅସ୍ମିତା ପୁରୁଷଙ୍କୁ ଆମର ପରବର୍ତୀ ପିଢିମାନଙ୍କ ନିକଟରେ ସ୍ମରଣୀୟ କରି ରଖିବା ଆମ ସମସ୍ତଙ୍କ ପରମଧ୍ୟେୟ ହେବ ଉଚ଼ିତ ବୋଲି ଆଜିର କାର୍ଯ୍ୟକ୍ରମରେ ସର୍ବସମ୍ମତି ମତ ପ୍ରକାଶ ପାଇଥିଲା !

ଆଜିର କାର୍ଯ୍ୟକ୍ରମ ଦ୍ୱୟରେ ଉପସଭାପତି ପ୍ରଫେସର ପୂର୍ଣ୍ଣଚ଼ନ୍ଦ୍ର ମଲ୍ଲିକ ଅଧିବକ୍ତା ଲକ୍ଷ୍ମୀଧର ଦାଶ , ପ୍ରଫେସର ଡା. କାଶୀନାଥ ରଥ , ସମ୍ପାଦକ ଇଂ ବିରଂଚ଼ି ନାରାୟଣ ଦାସ , କୋଷାଧକ୍ଷ ତ୍ରିନାଥ ସାମନ୍ତରାୟ , କାର୍ଯ୍ୟନିର୍ବାହୀ ସଦସ୍ୟ ଦିନବନ୍ଧୁ ଷଡ଼ଙ୍ଗୀ , ଇଂ ଜିତେନ୍ଦ୍ର କୁମାର ପାଢ଼ୀ ଯୁଗଳ କିଶୋର ନାୟକ , ସଦସ୍ୟ ଦେବୀ ମିଶ୍ର ,ବଂଶୀଧର ବେହେରା, ଦିବାକର ହୋତା ବୈରାଗୀ ସେଠୀ, ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ବହୁ ସମ୍ମିଳନୀ ଏବଂ ଗଙ୍ଗାଧର ପ୍ରେମୀ ମଧ ଯୋଗ ଦେଇଥିଲେ ! ଶେଷରେ କିଶୋର ଚ଼ନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା

# ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ୬ଟି ଏମଓୟୁ ସ୍ୱାକ୍ଷରିତ




ଭୁବନେଶ୍ୱର, ୨୯/୮ : ରାଜ୍ୟର ଚ଼ାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୬ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ଆଜି ସ୍ୱାକ୍ଷର କରିଛନ୍ତି। ଡିଜିଟାଲ୍ କୃଷି, ଉନ୍ନତ ବିହନ, ଜଳବାୟୁ ସହନଶୀଳତା ଏବଂ ପୋଷଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଡାକ ବିଭାଗ (ଓଡ଼ିଶା ସର୍କଲ), ଇକ୍ରିସାଟ୍ (ଓଉଜଓଝଇଞ୍ଚ) ଏବଂ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଗଝଝଜର) ସହିତ ଏହି ବୁଝାମଣା ପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି।

ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ସଚ଼ିବ ଶ୍ରୀ ସଚ଼ିନ୍ ରାମଚ଼ନ୍ଦ୍ର ଜାଧବ, ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ୍ ଶ୍ରୀ ନିର୍ମଳଜୀତ ସିଂହ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସକ୍ସେନା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ କାଲୁଙ୍ଗେ ଗୋରଖ ଓ୍ୱାମନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, 'ଏହି ୬ଟି ଐତିହାସିକ ବୁଝାମଣା ପତ୍ର ଓଡ଼ିଶା କୃଷି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ଆଗ୍ରିଷ୍ଟାକ୍ (ଇଶକ୍ସସଝଶ୍ୱବମଳ) ପଞ୍ଜିକରଣ ଏବଂ ଇକ୍ରିସାଟ୍ ଓ ଏମଏସଏସଆରଏଫ୍ ଭଳି ସଂସ୍ଥା ସହ ମିଶି ଆମେ ଚ଼ାଷୀଙ୍କୁ ସଶକ୍ତ କରୁଛୁ। ଏହା ଦ୍ୱାରା ଡାଲି ଓ ତୈଳବୀଜ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଯୋଜନାଗୁଡ଼ିକ ସିଧାସଳଖ ଚ଼ାଷୀଙ୍କ ପାଖରେ ପହଞ୍ଚିପାରିବ।'ଡାକ ବିଭାଗ ସହ ହୋଇଥିବା ଚୁକ୍ତି ଦ୍ୱାରା ଗ୍ରାମୀଣ ଡାକ ସେବକମାନେ ଗାଁ ଗାଁରେ ପହଞ୍ଚି ଚ଼ାଷୀଙ୍କ ପଞ୍ଜିକରଣ, କୃଷକ ଆଇଡି (ଉବକ୍ସଙ୍କରକ୍ସ ଓଉ) ତିଆରି, ସିଏମ୍ କିଷାନ, ପିଏମ୍ କିଷାନ ଇ-କେଓ୍ୱାଇସି (ର-କଣଉ) ଏବଂ ଆଧାର ସଂଯୋଗୀକରଣ ଭଳି ସେବା ଯୋଗାଇଦେବେ।

ଇକ୍ରିସାଟ୍ (ICRISAT) ସହ ହୋଇଥିବା ୪ଟି ବୁଝାମଣା ମାଧ୍ୟମରେ ଡାଲି, ବୁଟ, ମଟର, ହରଡ଼, ଚିନାବାଦାମ ଓ ରାଶି ଭଳି ଫସଲର ଉନ୍ନତ ଓ ଜଳବାୟୁ ସହନଶୀଳ ବିହନ ପ୍ରସ୍ତୁତ କରାଯିବ। ଏହା ଦ୍ୱାରା ଚ଼ାଷୀମାନେ ଭଲ ବିହନ ପାଇବା ସହ ସେମାନଙ୍କ ଉତ୍ପାଦନ ବୃଦ୍ଧି ପାଇବ।

ସେହିପରି ଏମଏସଏସଆରଏଫ୍ (MSSRF) ସହ ବୁଝାମଣା ମାଧ୍ୟମରେ ନୟାଗଡ଼ ଜିଲ୍ଲାର ୩,୦୦୦ କ୍ଷୁଦ୍ର ଚ଼ାଷୀଙ୍କ ପାଇଁ 'ପୋଷଣ ପାଇଁ କୃଷି' ପ୍ରକଳ୍ପ ଆରମ୍ଭ ହେବ। ଏଥିରେ ପୋଷକତତ୍ତ୍ୱ ଯୁକ୍ତ ଫସଲ, ପରିବା ଚ଼ାଷ, କୁକୁଡ଼ା ପାଳନ ଓ ମାଛ ଚ଼ାଷକୁ ପ୍ରୋତ୍ସାହନ ଦିଆଯିବ, ଯାହା ଦ୍ୱାରା ଚ଼ାଷୀଙ୍କ ଆୟ ବଢ଼ିବା ସହ ପରିବାରର ସ୍ୱାସ୍ଥ୍ୟରେ ସୁଧାର ଆସିବ।

ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ୍ ସେବା, ଉତ୍ପାଦନ ବୃଦ୍ଧି ଏବଂ ପୋଷଣ ସୁରକ୍ଷାକୁ ସୁଦୃଢ଼ କରିବ। ଏହି କାର୍ଯ୍ୟକ୍ରମର ଅସଲ ସଫଳତା ଚ଼ାଷୀମାନଙ୍କର ପ୍ରତ୍ୟକ୍ଷ ଉନ୍ନତି ଦ୍ୱାରା ହିଁ ପ୍ରମାଣିତ ହେବ ବୋଲି ରାଜ୍ୟ ସରକାର ପ୍ରକାଶ କରିଛନ୍ତି।

## ଅହୋରାତ୍ର ଧାରଣା ତ୍ରୟୋଦଶ ଦିବସରେ.......

# ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କର ସମସ୍ୟା ସମାଧାନ ଦିଗରେ ଅହେତୁକ ବିଳମ୍ବ ବେଦନାଦାୟକ : ସମନ୍ୱୟ ସମିତି

ଭୁବନେଶ୍ୱର, ୨୯/୮ : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ତ୍ରୟୋଦଶ ଦିନରେ ପହଞ୍ଚିଛି । ଶହ ଶହ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ରାଜରାସ୍ତାରେ ଅହୋରାତ୍ର ଧାରଣାରତ ଥିଲେ ମଧ ସମସ୍ୟା ସମାଧାନ ଦିଗରେ ବିଳମ୍ବ ଘଟିଚାଲିଛି । ଶିକ୍ଷକ କର୍ମଚାରୀଙ୍କ ସମସ୍ୟା ସମାଧାନ ପ୍ରତି ସରକାରଙ୍କ ତତ୍‌ପରତା ନାହିଁ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି ।

ସୂଚନାଥାଉକି, ଶିକ୍ଷକ କର୍ମଚାରୀମାନେ ଦୀର୍ଘ ୧୩ ଦିନ ହେଲା ଶାନ୍ତିପୂର୍ଣ୍ଣ ଭାବରେ ଗାନ୍ଧିମାର୍ଗରେ ଧାରଣାରେ ବସି ରହିଛନ୍ତି । ବର୍ତ୍ତମାନର ସରକାର ତାଙ୍କ ଶାସନ କାଳରେ ସବୁବର୍ଗର କର୍ମଚାରୀଙ୍କ କଥା ଶୁଣୁଥିବା ବେଳେ ଶିକ୍ଷକ କର୍ମଚାରୀଙ୍କ ନ୍ୟାୟୋଚିତ ଦାବିକୁ ଅଣଦେଖା କରି ନିର୍ବିକାର ହୋଇ ବସିରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଅନୁଦାନ ଯୋଗ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୀର୍ଘ ୨୫ରୁ ୩୦ ବର୍ଷ ଧରି ବିନା ପାରିଶ୍ରମିକରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଅବସ୍ଥା ମଧ ଅତ୍ୟନ୍ତ ଶୋଚନୀୟ । ସେହି ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ବହି, ପୋଷାକ, ସାଇକେଲ ଓ ମଧ୍ୟାହ୍ନଭୋଜନ ପାଆନ୍ତି ନାହିଁ । ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ୫୬୦୦ ଓ ମହାବିଦ୍ୟାଳୟରୁ ପ୍ରାୟ ୧୫୦୦ ରୁ ଅଧିକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅବସର ନେଇଛନ୍ତି ବା ମୃତ୍ୟୁବରଣ କରିଛନ୍ତି । ସେହି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତିର ସୁବିଧା ସରକାର ଅଦ୍ୟାବଧି ସୃଷ୍ଟି କରି ନାହାଁନ୍ତି । ବର୍ତ୍ତମାନର ଜନପ୍ରିୟ ସରକାର ଏହି ବର୍ଗର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରି ଶିକ୍ଷକ ସମସ୍ୟା ସମାଧାନ କରନ୍ତୁ । ନଚେତ୍ ଦୀର୍ଘ ୩୫ରୁ ୪୦ ବର୍ଷ ଧରି ଚାଲୁଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକ ଅଚିରେ ଭାଙ୍ଗିଯିବ । ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅନୁଦାନ ପ୍ରତ୍ୟାସୀ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଓ ଓଡ଼ିଶାରେ ଗୋଟିଏ ପ୍ରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରିଣତ କରି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଉ ।

ତେରଦିନର ଏହି ଐତିହାସିକ ଅହୋରାତ୍ର ଧାରଣାରେ ବିଜେପିର ମହିଳା ମୋର୍ଚ୍ଚାର ଅଧକ୍ଷା ଐଶ୍ୱରିୟା ବିଶ୍ୱାଳଙ୍କ ସମେତ ଉପସଭାପତି, ସଂପାଦକ, ଯୁଗ୍ମସଂପାଦକ ଏବଂ ସଭ୍ୟ ଏପରିକି ୩୮ ଜଣ ଭଉଣୀ ଆନ୍ଦୋଳନସ୍ଥଳକୁ ଆସି ଅହୋରାତ୍ର ଧାରଣାରେ ବସିଥିବା ସମସ୍ତ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧିବା ସହିତ ସମନ୍ୱୟ ସମିତିର ଦାବିଗୁଡ଼ିକ ବିଷୟରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଇବାର ପ୍ରତିଶ୍ରୁତି ରଖିଥିଲେ । ମଶା ଡାଆଁଶ, ଖରା, ବର୍ଷା, ଶୀତ, କାକରରେ ପଡ଼ି ରହିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ଭାଇମାନଙ୍କର ଦୀର୍ଘ ନିରାମୟ ଜୀବନ ସହିତ ଅନୁଦାନ, ଓ ପେନସନ ପାଇବା ପାଇଁ ସରକାରଙ୍କ ନିକଟରେ ଆଲୋଚନା କରିବାର ପ୍ରତିଶ୍ରୁତି ଦେଇଥିଲେ । ସର୍ବଭାରତୀୟ ଛାତ୍ର ସଂଗଠନ(ଏ.ଆଇ.ଏଫ୍.ଏ.)ର ସଭାନେତ୍ରୀ ସାହସ ଓ ସଂଗ୍ରାମର ପ୍ରତୀକ ନେହା ବୋରା ଧାରଣାସ୍ଥଳକୁ ଆସି ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ଦାବିକୁ ସମର୍ଥନ ଜଣାଇବା ସହିତ ତାଙ୍କର ଉପସ୍ଥିତି ଓ ଅଭିଭାଷଣ ନୂତନ ବିପ୍ଳବର ରକ୍ତ ସଂଚାର କରିବା ସହ ଆନ୍ଦୋଳନକୁ ପ୍ରଚଣ୍ଡ ଶକ୍ତି ପ୍ରଦାନ କରିଥିଲା । ତାଙ୍କ ସହିତ ଝାଡ଼ଖଣ୍ଡର ଛାତ୍ରନେତା ମଧ ଆସି ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ନିଜର ବଜ୍ର କଣ୍ଠ ପ୍ରସାରିତ କରିବା ସହିତ ଶିକ୍ଷକମାନଙ୍କର ହକ୍ ଅନୁଦାନ ଓ ପେନସନ୍ ରାଜ୍ୟ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି ମତ ରଖିଥିଲେ । ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଡ. ଅମୀୟ ମହାନ୍ତି ଯୋଗଦେଇ ସରକାର ତୁରନ୍ତ ଶିକ୍ଷକ ମାନଙ୍କର ଦାବି ପୂରଣ କରନ୍ତୁ ନଚେତ୍ ଆଗାମୀ ଦିନରେ ଏହି ଆନ୍ଦୋଳନ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ ହେବ ଏବଂ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ନିଜର ଅଭିଭାଷଣରେ କହିଥିଲେ । ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରନ୍ତୁ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଶଲିଳ ରାଜନନ୍ଦନ ମହାନ୍ତି, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି, ନଚେତ୍ ଏ ଆନ୍ଦୋଳନ ଆହୁରି ତୀବ୍ରରୂପ ଧାରଣ କରିବ ।

# ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର, ୨୯/୮ : ଗଙ୍ଗାଧର ମେହେର ସ୍ମୃତି କମିଟି ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ମିଳିତ ଭାବେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ ତମ ଜନ୍ମ ଦିବସ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ବରିଷ୍ଠ ରାଜ ନେତା ଗୋଲକ ମହାପାତ୍ର ଯୋଗଦେଇ ପିଲାମାନେ କିପରି ଗଙ୍ଗାଧର ସାହିତ୍ୟ ପ୍ରତି ଆକୃଷ୍ଟ ହେବେ ସେଥି ପ୍ରତି ଉତ୍ସାହିତ କରିବାକୁ କହିଥିଲେ । ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧକ୍ଷ ମିହିର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍ମୃତି କମିଟିର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର, ଉତ୍କଳ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ବରିଷ୍ଠ ଅଧିବକ୍ତା ମଧୁମାଧବ ଜେନା, ଭୁଲିଆ ସମାଜର ସଭାପତି ଆଶୁତୋଷ ମେହେର, ଦୁରଦର୍ଶନର ପୁର୍ବତନ ନିର୍ଦ୍ଦେଶକ ଗୋପାଳ ମହାପାତ୍ର, ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଅଗ୍ରଣୀ ସଂଗଠନର ସଂଜିବ ମିଶ୍ର, ଡ. ରାଧାନାଥ ପ୍ରହରାଜ, ମଞ୍ଚେଶ୍ୱର ଶିଖାଞ୍ଚଳ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତିପ୍ରମୁଖ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ଜଗତ, ସୁରେଷ ମହାପାତ୍ର, ଜଗବନ୍ଧୁ ପାଣି, ଗାନ୍ଧୀ ଦୋରା, ଅଶ୍ୱିନୀ ମେହେର, ସୁରେଶ ମେହେର, ରାମଜୀ ମେହେର, ବିଦୁ ମେହେର, ଶିବଲାଲ ମେହେର, ସଂଜୀବ ମେହେର, ଶକ୍ତିମାନ ମେହେର, ନେତ୍ରାନନ୍ଦ ମେହେର, ଗୀତା ମେହେର, ଲିଲି ମହାପାତ୍ର, ପୂଜା ମେହେର ଓ କଲ୍ୟାଣୀ ମେହେର ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଁ ଥିଲେ । ଶେଷରେ ଅମୂଲ୍ୟ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଭଦ୍ରକରେ ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ

# ୪ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ମିଳିବ ପଞ୍ଚମ କିସ୍ତି



ଭଦ୍ରକ, ୨୯୮/୮ : ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ଅବସରରେ ଆଜି ଭଦ୍ରକସ୍ଥିତ ସହୀଦ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି।

'ସୁଭଦ୍ରା' ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରତିବର୍ଷ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସ ଓ ରାକ୍ଷୀ ପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ କିସ୍ତିରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଏହି ଆର୍ଥିକ ସହାୟତା ଆର୍ଥିକ ବର୍ଷ ୨୦୨୪-୨୫ ଠାରୁ ୨୦୨୮-୨୯ ପର୍ଯ୍ୟନ୍ତ ପ୍ରଦାନ କରାଯିବ।

ଭଦ୍ରକ ଜିଲ୍ଲାରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପାଇଁ ସର୍ବମୋଟ ୪,୪୮,୩୯୬ ଜଣ ଆବେଦନ କରିଛନ୍ତି। ୪,୧୦,୭୫୯ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୪,୦୧,୧୯୬ ଜଣ ଦ୍ୱିତୀୟ କିସ୍ତି, ୪,୦୧,୨୧୦ ଜଣ ତୃତୀୟ କିସ୍ତି ଏବଂ ୩,୯୬,୭୫୨ ଜଣ ହିତାଧିକାରୀ ଚ଼ତୁର୍ଥ କିସ୍ତି ପାଇ ସାରିଥିବାବେଳେ ଆନୁମାନିକ ୪,୦୨,୦୭୩ ଜଣ ଯୋଗ୍ୟ ହିତାଧିକାରୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପାଇବାକୁ ଯାଉଛନ୍ତି। ଏହି ଅର୍ଥରାଶି ସିଧାସଳଖ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଉଛି।

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ସମାରୋହରେ ମହିଳା ହିତାଧିକାରୀମାନେ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇବା ସହ ଚାରାବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମାରୋହର ଶୁଭାରମ୍ଭ ହୋଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ମହିଳାଙ୍କ ହାତକୁ ସିଧାସଳଖ ଆର୍ଥିକ ସହାୟତା ପହଞ୍ଚିବା ଦ୍ୱାରା ସେମାନେ ନିଜ ପରିବାରର ଆର୍ଥିକ ନିଷ୍ପତ୍ତିରେ ଅଧିକ ସକ୍ରିୟ ଭୂମିକା ନେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ ମହିଳା ସଶକ୍ତିକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ସହାୟକ ହେଉଛି ବୋଲି ସେ ପ୍ରକାଶ କରିଥିଲେ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଡେପୁଟି ଆରକ୍ଷୀ ଅଧିକ୍ଷକ ଦୀପ୍ତିକା ସାହୁ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ।

ବକ୍ତାମାନେ କହିଥିଲେ ଯେ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ହେଉଛି ପରିବାର ଓ ସମାଜର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। 'ସୁଭଦ୍ରା' ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତାକୁ ମହିଳାମାନେ ଜୀବିକା, ଛୋଟ ବ୍ୟବସାୟ ଓ ଅନ୍ୟାନ୍ୟ ଉତ୍ପାଦନକ୍ଷମ କାର୍ଯ୍ୟରେ ବିନିଯୋଗ କରି ନିଜକୁ ଆର୍ଥିକ ଭାବେ ସଶକ୍ତ କରିପାରିବେ।

ଏହି ଅବସରରେ 'ସୁଭଦ୍ରା' ଯୋଜନାର କିଛି ହିତାଧିକାରୀ ନିଜ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଯୋଜନାରୁ ପ୍ରାପ୍ତ ଆର୍ଥିକ ସହାୟତା ସେମାନଙ୍କ ଜୀବନରେ କିପରି ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସ୍ୱାବଲମ୍ବୀ ହେବାରେ ସହାୟକ ହୋଇଛି, ସେ ସମ୍ପର୍କରେ ସେମାନେ ଅନୁଭୂତି ବାଣ୍ଟିଥିଲେ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଙ୍ଗୀତା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାରୋହ ଆୟୋଜିତ ହୋଇଥିଲା। ଉପଖଣ୍ଡ ସୂଚ଼ନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ମଞ୍ଚ ପରିଚ଼ାଳନା କରିଥିଲେ।

ସମାରୋହରେ ବହୁ ସଂଖ୍ୟାରେ ମହିଳା ହିତାଧିକାରୀ, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚ଼ାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

# ହାସ୍ୟବ୍ୟଙ୍ଗ ପୁସ୍ତକ 'କିସ ପୁଣି ଦେଖା ନଯାଏ' ଲୋକାର୍ପିତ




ଭୁବନେଶ୍ୱର ୨୯/୦୮: ହସ ମଣିଷର ରକ୍ଷାକବଚ କାରଣ ହସ ହିଁ ପରିବର୍ତ୍ତନ କରିଦେଇପାରେ ସମାଜକୁ। ହସ ବ୍ୟକ୍ତିରେ ମନରେ ସୃଷ୍ଟି ହୁଏ ଓ ଶରୀର ମାଧ୍ୟମରେ ଆତ୍ମପ୍ରକାଶ କରେ। ହସ ମଣିଷ ମନରୁ ଦୁର୍ଗୁଣକୁ ଦୂରେଇ ନେଇ ସୁସ୍ଥ ସୁନ୍ଦର ପରିବେଶ କରାଇବାରେ ସମର୍ଥ ହେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁକ୍ତଚିନ୍ତନ ମଂଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୨୧୯ତମ ଆଲୋଚନାଚକ୍ରକୁ 'ମୁକ୍ତିଚିନ୍ତନ ମଂଚ'ର ସଭାପତି ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର 'ହାସ୍ୟମେବ ଜୟତେ' ସଭା ଉଦଘାଟନ କରି କହିଲେ ଯେ ଶାରୀରିକ, ମାନସିକ ଓ ସାମଜିକ କ୍ଷେତ୍ରରେ ହାସ୍ୟର ଉପଯୋଗିତା ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରମାଣିତ ହୋଇଛି। ବର୍ତ୍ତମାନ ସମୟରେ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ହାସ୍ୟଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ବୈଜ୍ଞାନିକ ଦୃଷ୍ଟିକୋଣରୁ କହିଲେ ଯେ ପେଟ ଫଟାଇବା ଭଳି ହସ ମାଂସପେଶୀକୁ ସକ୍ରିୟ ରଖେ, ହୃତପିଣ୍ଡର ଗତି ବଢାଇ, ଶ୍ୱାସପ୍ରଶ୍ୱାସକୁ ଗଭୀରତର କରେ ଓ ଅମ୍ଳଜାନର ବିନିୟମକୁ ବୃଦ୍ଧି କରେ। 'ଖେଳ ଓ ବ୍ୟାୟାମ' ଭଳି ହସ ମଧ୍ୟ ଶରୀରର ଉପକାର କରିଥାଏ। ଏହି ସଭା ଆରମ୍ଭରେ ପୀତବାସ ରାଉତରାୟଙ୍କ ଦ୍ୱାରା ଲିଖିତ ତଥା ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଦ୍ୱାରା ଅଙ୍କିତ ପ୍ରଚ୍ଛଦପଟ ଅଙ୍କିତ, ଜଗନ୍ନାଥ ରଥ ପ୍ରକାଶନ ଦ୍ୱାରା ପ୍ରକାଶିତ ହାସ୍ୟବ୍ୟଙ୍ଗପୂର୍ଣ୍ଣ ପୁସ୍ତକ 'କିସ ପୁଣି ଦେଖା ନଯାଏ' ଅତିଥିମାନଙ୍କ ଦ୍ୱାରା ଲୋକର୍ପିତ ହୋଇଥିଲା। ମୁଖ୍ୟଅତିଥି 'ନିତିଦିନ'ର ସମ୍ପାଦକ ଶ୍ରୀ ମନୋଜ କୁମାର ମହାପାତ୍ର ନବରସ ମଧ୍ୟରେ ହାସ୍ୟ ଏକ ରସ ଭାବରେ ଗଣା ହୋଇ ଓଡିଆ ସାହିତ୍ୟରେ ଫୀକରମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜ ଆଦି ଲେଖକଙ୍କ ଉଦାହରଣ ଦେଇ ହାସ୍ୟବ୍ୟଙ୍ଗ ମାଧ୍ୟମରେ କିଭଳି ସମାଜ ସଂସ୍କାର ଆଣିପାରିଥିଲେ ତାହାର ଉଦାହରଣ ଦେଇଥିଲେ। ବିଶ୍ୱସାହିତ୍ୟର ବହୁ ହାସ୍ୟବ୍ୟଙ୍ଗ ଲେଖକ ସମେତ ପୁରାଣ ତଥା ରାମକୃଷ୍ଣ ପରମହଂସଙ୍କ ଉଦାହରଣ ଦେଇ କହିଥିଲେ ଯେ ହାସ୍ୟବ୍ୟଙ୍ଗ ମାଧ୍ୟମରେ ଆନନ୍ଦ ପ୍ରଦାନ ସହ ସମାଜ ସଂସ୍କାର ଏକ ମହତ ଉଦ୍ଦେଶ୍ୟ ରହିଆସିଛି। ସେ ଉନ୍ମୋଚିତ ପୁସ୍ତକରୁ କିଛି ଉଦାହରଣ ଦେଇ ଲେଖକଙ୍କ ସମାଜ ସଂସ୍କାର ସମ୍ପର୍କରେ ମଧ୍ୟ ମନ୍ତବ୍ୟ ଦେଇଥିଲେ। ଓଡିଆ ସାହିତ୍ୟରେ 'ତଗର' ଓ 'ନିଆଁଖୁଂଟା'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଂଜନ ବ୍ୟଙ୍ଗ ଓ ହାସ୍ୟରସକୁ ନେଇ ଜୀବନର ରଙ୍ଗରସ ବୋଲି ଉଲ୍ଲେଖ କରି ଆଗକାଳରେ ରାଜାରାଜୁଡା ଅମଳରେ ହାସ୍ୟରସ ପରିବେଶଣ ପାଇଁ ବିଦୂଷକର ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ। ସେହିପରି ସର୍କସ, ଯାତ୍ରା, ଡ୍ରାମା, ଚଳଚ୍ଚିତ୍ରମାନଙ୍କର ହାସ୍ୟରସ ଜନପ୍ରିୟ ହୋଇପାରିଅଛି ତାହାର ଉଦାହରଣ ଦେଇଥିଲେ ଏପରିକି ଚିତ୍ରକଳାରେ କାର୍ଟୁନ କିପରି ଗୁରୁଗମ୍ଭୀର ବ୍ୟଙ୍ଗମାଧ୍ୟମରେ ଚିତ୍ରାୟିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରେ ବୋଲି ସୂଚାଇ ଥିଲେ। ସେ ଲେଖକଙ୍କ ଗପର ଉଦାହରଣ ଦେଇ କହିଲେ ଯେ ତାଙ୍କ ବ୍ୟଙ୍ଗରେ ସମାଜ ପାଇଁ ବାର୍ତ୍ତା ଥିବାରୁ ତାର ଆଦର ବହୁଦିନ ଧରି ପାଠକଙ୍କ ମନରେ ବସାବାନ୍ଧି ରହିବ। ଓଡିଆ ସାହିତ୍ୟରେ ହାସ୍ୟବ୍ୟଙ୍ଗର ଏକ ଉନ୍ନତ ପରମ୍ପରା ଲାଳିକା, ନିର୍ମଳ ହାସ୍ୟରସ, ବ୍ୟଙ୍ଗବିଦ୍ରୁପ, କୌତୁକ ଓ ରମ୍ୟରଚନା ମାଧ୍ୟମରେ ଗତି କରିଚାଲିଛି ବୋଲି ବକ୍ତବ୍ୟ ରଖିଥିଲେ। ଆଜିକାଲି ବ୍ୟଙ୍ଗକବି ମାନଙ୍କର ବ୍ୟଙ୍ଗ କବିତା ଆସର ହାସ୍ୟ ଓ ବ୍ୟଙ୍ଗକୁ ଆହୁରି ଲୋକପ୍ରିୟ କରିପାରିଛି ବୋଲି ମତ ଦେଇଥିଲେ। ସଭା ପ୍ରାରମ୍ଭରୁ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଆବାହାକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆରମ୍ଭରୁ ମଧୁସ୍ମିତା ବିଶ୍ୱାଳ, ମିନତୀ ମିଶ୍ର ଓ ରଶ୍ମିତା ବିଶ୍ୱାଳ, ଭକ୍ତିସଂଗୀତ ପରିବେଷଣ କରିଥିଲେ।

# ବାରିପଦା ଏମ୍ ଏସ୍ ସି ବି ବିଶ୍ୱବିଦ୍ୟାଳୟରେ ଯୁବପିଢ଼ିଙ୍କୁ ଉତ୍ସାହିତ କଲା 'ଖେଲୋ ଇଣ୍ଡିଆ ସଂଳାପ'




ବାରିପଦା/ଭୁବନେଶ୍ୱର, ୨୯/୮ : ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (MSCB ବିଶ୍ୱବିଦ୍ୟାଳୟ) ପରିସରରେ 'ଖେଲୋ ଇଣ୍ଡିଆ ସଂଳାପ – ଖେଲ୍ କି ବାତ୍ ପିଏମ୍ ମୋଦୀ କେ ସାଥ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ, ସଶକ୍ତ ତଥା କ୍ରୀଡ଼ାଭିତ୍ତିକ ଭାରତ ଗଠନ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସହିତ ଯୋଡ଼ି ହେବା ନିମନ୍ତେ ଏହା ଯୁବ ଛାତ୍ରଛାତ୍ରୀମାନଙ୍କୁ ଏକ ଉତ୍ସାହଜନକ ମଞ୍ଚ ପ୍ରଦାନ କରିଛି ।

ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ଶ୍ରୀ ନବଚରଣ ମାଝୀ, ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ମହେନ୍ଦ୍ର ମହାନ୍ତି, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଶ୍ରୀ ଦିବ୍ୟରଞ୍ଜନ ଦାସ ଏବଂ ଶ୍ରୀମତୀ ରଶ୍ମିତା ସାହୁ ଉପସ୍ଥିତ ଥିଲେ । ସେମାନେ ଉତ୍ସାହୀ ଛାତ୍ରଛାତ୍ରୀଙ୍କ ସହ ମିଶି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ଅଭିଭାଷଣ ଶୁଣିଥିଲେ ।

ମନ୍ତ୍ରୀ ଡଃ ମହାପାତ୍ର ଯୁବପିଢ଼ିଙ୍କ ସଶକ୍ତୀକରଣ ତଥା ସେମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ଦୃଢ଼ ସଂକଳ୍ପ, ଦଳଗତ ମନୋଭାବ ଏବଂ ନେତୃତ୍ୱ ଗୁଣ ବିକଶିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଓଡ଼ିଶାର ଏକ ସମୃଦ୍ଧ କ୍ରୀଡ଼ା ପରମ୍ପରା ରହିଛି ଏବଂ ଏଠାକାର ଯୁବପିଢ଼ିଙ୍କ ମଧ୍ୟରେ ପ୍ରଚୁର ସମ୍ଭାବନା ରହିଛି । 'ଖେଲୋ ଇଣ୍ଡିଆ' ଭଳି ପଦକ୍ଷେପ ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିଭା ଚିହ୍ନଟ, ଉନ୍ନତ ତାଲିମ ଏବଂ ଭିତ୍ତିଭୂମି ଯୋଗାଇଦେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି ।

ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, କ୍ରୀଡ଼ା କେବଳ ପଦକ ଜିତିବା ମଧ୍ୟରେ ସୀମିତ ନୁହେଁ, ବରଂ ଏକ ସୁସ୍ଥ, ଆତ୍ମବିଶ୍ୱାସୀ ଏବଂ ସକ୍ଷମ ପିଢ଼ି ଗଠନ କରିବାର ମାଧ୍ୟମ । କ୍ରୀଡ଼ାରେ ଅଧିକ ଭାଗୀଦାରିତା ଦ୍ୱାରା ଯୁବପିଢ଼ି ନିଜ ପ୍ରତିଭାର ବିକାଶ କରିବା ସହ ରାଷ୍ଟ୍ର ନିର୍ମାଣ ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟ ପୂରଣରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ ।

ଯୁବପିଢ଼ିଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିଲେ ଯେ କିପରି ସମଗ୍ର ଦେଶରେ କ୍ରୀଡ଼ା ପ୍ରତିଭା ଚିହ୍ନଟ, ଉତ୍ସାହିତ ଏବଂ ସହାୟତା ପ୍ରଦାନ କରିବାରେ 'ଖେଲୋ ଇଣ୍ଡିଆ' ଏକ ଶକ୍ତିଶାଳୀ ମଞ୍ଚ ଭାବେ ଉଭା ହୋଇଛି। ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ସୁଯୋଗ, ଗୁଣାତ୍ମକ ତାଲିମ, ଭିତ୍ତିଭୂମି, ଉତ୍ସାହ ଏବଂ ଆନୁଷ୍ଠାନିକ ସହାୟତା ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ କ୍ରୀଡ଼ାର ମହତ୍ତ୍ୱ କେବଳ ପଦକ ଏବଂ ରେକର୍ଡ ମଧ୍ୟରେ ସୀମିତ ନୁହେଁ । ଏହା ଶୃଙ୍ଖଳା, ନିଷ୍ଠା, ଦଳଗତ କାର୍ଯ୍ୟ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ବ୍ୟକ୍ତିଗତ ଉନ୍ନତି ଓ ଜାତୀୟ ପ୍ରଗତିର ଏକ ଦୃଢ଼ ମୂଳଦୁଆ ସ୍ଥାପନ କରେ ।

ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିଥିଲେ ଏବଂ ଭାରତର କ୍ରୀଡ଼ା ଭବିଷ୍ୟତ ପାଇଁ ତାଙ୍କ ଦୂରଦୃଷ୍ଟିରୁ ପ୍ରେରଣା ଲାଭ କରିଥିଲେ । ଏହି ଆଲୋଚ଼ନାରେ ଓଡ଼ିଶାର ଯୁବପିଢ଼ିଙ୍କ ବର୍ଦ୍ଧିତ ଆକାଂକ୍ଷା ଏବଂ ଦେଶର କ୍ରୀଡ଼ା ଯାତ୍ରାରେ ଅବଦାନ ରଖିବାର ଉତ୍ସାହ ପ୍ରତିଫଳିତ ହୋଇଥିଲା । ତୃଣମୂଳ ସ୍ତରରେ କ୍ରୀଡ଼ାର ପ୍ରସାର କରିବା ଏବଂ ବିଭିନ୍ନ ଅଞ୍ଚଳରୁ ପ୍ରତିଭାବାନ ଖେଳାଳିଙ୍କୁ ସୁଯୋଗ ଦେଇ ଭାରତର କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ 'ଖେଲୋ ଇଣ୍ଡିଆ' ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ବାରିପଦାରେ ଆୟୋଜିତ ଏହି 'ଖେଲୋ ଇଣ୍ଡିଆ ସଂଳାପ' ଯୁବପିଢ଼ିଙ୍କ ଉର୍ଜା ଏବଂ ଆକାଂକ୍ଷାକୁ ଉଜ୍ଜୀବିତ କରିବା ସହ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ, କ୍ରୀଡ଼ାକୁ ଆପଣେଇବାକୁ ଏବଂ ୪୦ସଳସ୍ୱସସ୍ୱଇଷବକ୍ସବସ୍ୱ (ବିକଶିତ ଭାରତ) ନିର୍ମାଣ ଯାତ୍ରାରେ ନିଜର ଯୋଗଦାନ ଦେବାକୁ ପ୍ରେରିତ କରିଛି ।

# ଶାସକ ବିଜେପି ଦଳ ଦ୍ୱାରା ଯୋଗ୍ୟ ଭୋଟରଙ୍କ ନାମ କାଟିବା ପାଇଁ ଷଡଯନ୍ତ୍ର, ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବା ପ୍ରସଙ୍ଗରେ ସିଇଓ ଙ୍କୁ ଭେଟିଲା ବିଜେଡି



ଭୁବନେଶ୍ୱର, ୨୯/୮ : ଭୋଟର ତାଲିକାରୁ ଯୋଗ୍ୟ ଓ ପ୍ରକୃତ ଭୋଟରଙ୍କ ନାମ ବାଦ୍ ପଡୁଥିବା ନେଇ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଖବରକୁ ନେଇ ବିଜୁ ଜନତା ଦଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଭୋଟରଙ୍କ ନାମ କେଉଁ କାରଣରୁ ଏବଂ କେଉଁ ପ୍ରକ୍ରିୟାରେ ବାଦ୍ ଦିଆଯାଇଛି, ସେ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚ଼ନ ଅଧିକାରୀଙ୍କୁ ଦଳ ତରଫରୁ ବିସ୍ତୃତ ଭାବେ ଅବଗତ କରାଯାଇଛି । ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ଙ୍କୁ ଭେଟି ଅଭିଯୋଗ ଦାଖଲ କରିଛି ।

ଅଭିଯୋଗ ପତ୍ରରେ ବିଜେଡି କହିଛି ଯେ ଭୋଟର ତାଲିକାକୁ ନେଇ ଦାବି ଓ ଆପତ୍ତି ଅବଧି ଅଗଷ୍ଟ ୧୯ ତାରିଖରେ ଶେଷ ହୋଇଥିଲେ ମଧ୍ୟ ଶାସକ ବିଜେପି ଦଳର ବି.ଏଲ.ଏ.ମାନେ ଏଯାବତ ପୁଳାପୁଳା ଫର୍ମ-୭ ଦାଖଲ କରି ବୁଥ ସ୍ଥରରେ ଯୋଗ୍ୟ ଭୋଟରଙ୍କ ନାମ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି । ଭୋଟର ଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟର ବିଭିନ୍ନ ନିର୍ବାଚ଼ନମଣ୍ଡଳୀ ଯଥା ବାଲିକୁଦା-ଏରସମା, ମାହାଙ୍ଗା, ଧାମନଗର, ଭଦ୍ରକ, ମହାକାଳପଡା, ଝାରସୁଗୁଡା, ପାଟକୁରା, ଦିଗପହଣ୍ଡି ପ୍ରଭୃତି ନିର୍ବାଚ଼ନମଣ୍ଡଳୀରେ ବିଜେପି ବି.ଏଲ.ଏ. ମାନେ ଭୋଟର ତାଲିକାରୁ ରାଜନୈତିକ ଅଭିସନ୍ଧି ରଖି ଯୋଗ୍ୟ ଭୋଟରଙ୍କ ନାମ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି।

ମାହାଙ୍ଗା ବ୍ଲକ ଅଧିନସ୍ଥ ଉଦ୍‌ରେଶ୍ୱର ପଂଚ଼ାୟତରେ ନୂତନ ଭାବେ ଗଠନ ହୋଇଥିବା ୨୨୧ ଓ ୨୨୨ ନମ୍ବର ବୁଥ ର ଭୋଟର ତାଲିକାରୁ ୧୨୧ ଜଣ ଯୋଗ୍ୟ ଭୋଟରଙ୍କ ନାମ ୫ଓଜ ତାଲିକାରୁ ବାଦ ଦେବାପାଇଁ ସେହି ବୁଥ ର ବିଜେପି ବି.ଏଲ.ଏ. ଫଗୁ ଚ଼ରଣ ବେହେରା ସୁପାରିଶ କରିଛନ୍ତି । ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ମାନଙ୍କୁ ଉଦେଶ୍ୟମୂଳକ ଭାବେ ତାଲିକାରୁ ବାଦ ଦେବାପାଇଁ ବି. ଏଲ. ଏ. ଶ୍ରୀ ବେହେରାଙ୍କ ସୁପାରିଶ ବାବଦରେ ମାହଙ୍ଗା ବ୍ଲକ ବିଡିଓ ଙ୍କୁ ସାକ୍ଷାତ କରି ଏହାର ତୁରନ୍ତ ସଂଶୋଧନ ପାଇଁ ଭୋଟର ମାନେ ଦାବି କରିଛନ୍ତି । ଏହାର ବିଧିବଦ୍ଧ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯିବା ପରେ, ବିଜେପି ବି.ଏଲ.ଏ. ଶ୍ରୀ ବେହେରା, ତଦନ୍ତ କରି ସେମାନଙ୍କୁ ପୁନର୍ବାର ଭୋଟର ତାଲିକାରେ ସ୍ଥାନ ଦେବା ପାଇଁ ବିଡିଓ ଙ୍କୁ ଲିଖିତ ଭାବେ ଜଣାଇଥିବା ବାବଦରେ ପ୍ରତିନିଧିମଣ୍ଡଳୀ ମୁଖ୍ୟ ନିର୍ବାଚ଼ନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ ।

ରାଜ୍ୟବ୍ୟାପୀ ବିଭିନ୍ନ ନିର୍ବାଚ଼ନମଣ୍ଡଳୀରୁ ଆସିଥିବା ସମସ୍ତ ଅଭିଯୋଗର ତଦନ୍ତ କରି କୌଣସି ଯୋଗ୍ୟ ଭୋଟର ଯେପରି ୫ଓଜ ତାଲିକାରୁ ବାଦ ନପଡିବେ ସେଥିପାଇଁ ସାନି ନିର୍ଦ୍ଦେଶ ଜାରି କରିବା ପାଇଁ ବିଜେଡି ମୁଖ୍ୟ ନିର୍ବାଚ଼ନ ଅଧିକାରୀ ଙ୍କ ନିକଟରେ ଦାବି କରିଛି । ଆଜିର ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନା, ସାଧାରଣ ସମ୍ପାଦକ ବିଜୟ ନାୟକ, ଗଣମାଧ୍ୟମ ସଂଯୋଯୋକ ତଥା ମୁଖପାତ୍ର ଡ. ଲେଲିନ ମହାନ୍ତି, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ଜ୍ୟୋସ୍ନାମୟୀ ପରିଡ଼ା, ମାନସୀ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ମନଓ୍ୱର ଅଲ୍ଲୀଙ୍କ ନବମ ଦିନ ଅନଶନକୁ ଆଇସାର ରାଷ୍ଟ୍ରୀୟ ସଭାପତି ନେହା ବୋରାଙ୍କ ସମର୍ଥନ



ଭୁବନେଶ୍ୱର, ୨୯/୮ : ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ୬ ଦଫା ଦାବୀରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀଙ୍କ ନବମ ଦିନ ସତ୍ୟାଗ୍ରହ ଓ ଅନଶନକୁ ଆଜି ସର୍ବଭାରତୀୟ ଛାତ୍ର ସଂଗଠନ (ଆଇସା)ର ରାଷ୍ଟ୍ରୀୟ ସଭାପତି ନେହା ବୋରା ସମର୍ଥନ ଜଣାଇଛନ୍ତି। ନବନିର୍ମାଣ କୃଷକ ସଂଗଠନର ପ୍ରାଣ ପ୍ରତିଷ୍ଠାତା ତଥା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଉପସ୍ଥିତିରେ ଯୁବଛାତ୍ର ସଂଗଠନର ଉପଦେଷ୍ଟା ମଧୁମିତା ସାମଲ, ଭୁନେଶ୍ୱର ସଭାପତି ଅମିତ ଜେନା, ପୁରୀ ଜିଲ୍ଲା ସଭାପତି ସ୍ମୃତି ରଂଜନ ସାମଲ, ପଟିଆର ଏସ. କେ ହେଦାଇ ଅନ୍ୟ ନେତୃମଣ୍ଡଳୀ ନେହା ବୋରାଙ୍କୁ ସ୍ୱାଗତ କରି ଅନଶନ ସ୍ଥଳକୁ ପାଛୋଟି ନେଇଥିଲେ। ମନଓ୍ୱର ଅଲ୍ଲୀଙ୍କ ସମସ୍ତ ଦାବୀକୁ ସମର୍ଥନ ଜଣାଇ ନେହା ବୋରା କହିଛନ୍ତି ଯେ, ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଦୁର୍ବଳ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାର ସୁରକ୍ଷା ପାଇଁ କେବଳ ମନଓ୍ୱର ଅଲ୍ଲୀ ସଂଘର୍ଷ ଚ଼ଳାଇଲେ ହେବ ନାହିଁ, ଓଡ଼ିଶାର ସମସ୍ତ ଯୁବକ, ଛାତ୍ର, ମହିଳା, ଅଧ୍ୟାପକମାନଙ୍କୁ ମଧ୍ୟ ଏହି ସଂଘର୍ଷରେ ସାମିଲ ହେବାକୁ ପଡ଼ିବ। ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ଦାୟିତ୍ୱ ସମ୍ଭାଳିବାରେ ସେ ସଂପୂର୍ଣ୍ଣ ଅସମର୍ଥ ତେଣୁ ମନ୍ତ୍ରୀ ନିଜେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦିଅନ୍ତୁ ବୋଲି ପ୍ରତିକ୍ରିୟା ରଖିଥିଲେ। ସମଗ୍ର ଓଡ଼ିଶାର ଜନସାଧାରଣଙ୍କୁ ମନଓ୍ୱର ଅଲ୍ଲୀଙ୍କ ଶିକ୍ଷା ପରିବର୍ତ୍ତନ ପାଇଁ ଜାରି ରହିଥିବା ଅନଶନକୁ ଯୁବକ, ଛାତ୍ରଛାତ୍ରୀମାନେ ଆହୁରି ଅଧିକ ସମର୍ଥନ ଜଣାଇବା ପାଇଁ ନେହା କହିଥିଲେ। ମୁଁ ସରକାରଙ୍କୁ ଅନୁରୋଧ କରିଛି ଗଣଶିକ୍ଷା ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବା ସହିତ ସମାଧାନର ପଥ ଖୋଜନ୍ତୁ। ଅକ୍ଷୟ କୁମାର ନିଜର ସ୍ପଷ୍ଟୀକରଣ ରଖି କହିଥିଲେ ଯେ, ଏହି ଅନଶନର ୬ ଦଫା ଦାବୀକୁ ଯୁବଛାତ୍ର ସଂଗଠନ ତୃଣମୂଳ ସ୍ତରକୁ ନେଇ ପହଞ୍ଚିବ। ଆଜିର ପ୍ରେସ୍ ବିବୃତ୍ତିରେ ମନଓ୍ୱର ଅଲ୍ଲୀ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରରେ ଅବହେଳା ଆଡ଼ୌ ଗ୍ରହଣୀୟ ନୁହେଁ, ଗଣଶିକ୍ଷା ମନ୍ତ୍ରୀଙ୍କ ସାମାନ୍ୟ ଭୁଲ୍ ପାଇଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବାକୁ ଯାଉଛି। ମୁଁ ସରକାରଙ୍କୁ ଅନୁରୋଧ କରୁଛି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ, ନଚେତ୍ ମୁଖ୍ୟମନ୍ତ୍ରୀ ମଣ୍ଡଳରୁ ତାଙ୍କୁ ବରଖାସ୍ତ କରି ସମାଧାନର ପଥ ଖୋଲନ୍ତୁ। ଯେପର୍ଯ୍ୟନ୍ତ ସରକାର ଆମ ଦାବୀ ଗ୍ରହଣ କରିନାହାଁନ୍ତି, ସେପର୍ଯ୍ୟନ୍ତ ଆମର ସ୍ୱର ଗଣତାନ୍ତ୍ରିକ ଓ ଅହିଂସା ପଦ୍ଧତିରେ ଜାରି ରହିବ। ଆଜିର ଅନଶନରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ(ଏମଏଲ) ଲିବରେସନର ଯୁଧିଷ୍ଠିର ମହାପାତ୍ର, ସିପିଆଇଏମ(ଏମଏଲ) ଲିବରେସନର କେନ୍ଦ୍ର କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ା ଏବଂ ସିପିଆଇଏମ(ଏଲ) ଲିବରେସନର ପୂର୍ବତନ ବିଧାୟକ ତଥା କେନ୍ଦ୍ର କମିଟି ସଦସ୍ୟ ରାଧାକାନ୍ତ ସେଠୀ, ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ ଓ ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମୁଖୀ ହବିବି ମନଓ୍ୱର ଅଲ୍ଲୀଙ୍କୁ ସମର୍ଥନ ଜଣାଇ ଅନଶନକୁ ଉତ୍ସାହିତ କରିଥିଲେ।

# ରାଷ୍ଟ୍ରପତି ଭବନରେ ଦେଶର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ରାଷ୍ଟ୍ରପତିଙ୍କ ରକ୍ଷାବନ୍ଧନ ପାଳନ



ନୂଆଦିଲ୍ଲୀ, ୨୯/୮ (ପିଆଇବି): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଦେଶର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ରକ୍ଷାବନ୍ଧନ ପାଳନ କରିଛନ୍ତି। ଦେଶର ୧୭ଟି ରାଜ୍ୟ, ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିର ଛାତ୍ରଛାତ୍ରୀମାନେ ଏହି ସ୍ୱତନ୍ତ୍ର ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାମୂଳକ ଅନୁଭୂତିର ଅଂଶ ଭାବେ ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ, ରାଷ୍ଟ୍ରପତି ଭବନ ଏବଂ ଅମୃତ ଉଦ୍ୟାନ ପରିଦର୍ଶନ କରିଥିଲେ।

ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ରକ୍ଷାବନ୍ଧନର ମୂଳ ମୂଲ୍ୟବୋଧ ଅର୍ଥାତ୍ ପ୍ରେମ, ଯତ୍ନ ଓ ସୁରକ୍ଷାର ଭାବନାକୁ ପରିବେଶ ପ୍ରତି ମଧ୍ୟ ବିସ୍ତାର କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଥିଲେ ଯେ ରକ୍ଷାବନ୍ଧନ ଏକ ପ୍ରେମର ବନ୍ଧନର ପ୍ରତୀକ, ଯାହା ପରିବାର ସଦସ୍ୟ, ବନ୍ଧୁ ଏବଂ ଏପରିକି ଗଛଲତା ସହିତ ମଧ୍ୟ ବାଣ୍ଟିହେବ। ରାଷ୍ଟ୍ରପତି ଭବନରେ ଦେଶର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ସେ ରକ୍ଷାବନ୍ଧନ ପାଳନ କରିଥିଲେ।

ପରିବେଶର ସନ୍ତୁଳନ ଦିନକୁ ଦିନ ଅବନତି ହେଉଥିବାରୁ ରାଷ୍ଟ୍ରପତି ଚ଼ିନ୍ତା ପ୍ରକାଶ କରିଥିଲେ। ବଞ୍ଚି ରହିବା ପାଇଁ ଆବଶ୍ୟକ ପରିବେଶୀୟ ସନ୍ତୁଳନକୁ ସୁରକ୍ଷିତ ରଖିବା ନିମନ୍ତେ ସେ ଛାତ୍ରଛାତ୍ରୀମାନଙ୍କୁ ଗଛ ଓ ଚ଼ାରାରେ ରାଖୀ ବାନ୍ଧିବାକୁ କହିଥିଲେ। ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ବୋଲି ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବାର ସଂକଳ୍ପକୁ ଜୀବନବ୍ୟାପୀ ପ୍ରତିବଦ୍ଧତାରେ ପରିଣତ କରିବା ଉଚ଼ିତ।

ଏହି ସ୍ୱତନ୍ତ୍ର ଉତ୍ସବରେ ମୋଟ ୧୨୨ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୮୯ ଜଣ ଛାତ୍ରଛାତ୍ରୀ ଏବଂ ୩୨ ଜଣ ଶିକ୍ଷକ ଥିଲେ। ୧୭ଟି ରାଜ୍ୟ, ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ୧୩ ଜଣ ସ୍ୱତନ୍ତ୍ର ଆବଶ୍ୟକତାସମ୍ପନ୍ନ ଶିଶୁ ମଧ୍ୟ ଥିଲେ। ରାଜଧାନୀ ନୂଆଦିଲ୍ଲୀ ପରିଦର୍ଶନର ଅଂଶ ଭାବେ ଛାତ୍ରଛାତ୍ରୀମାନେ ୨୭ ଅଗଷ୍ଟ ୨୦୨୬ରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତି ଭବନ ଏବଂ ଅମୃତ ଉଦ୍ୟାନର ମାର୍ଗଦର୍ଶିତ ପରିଦର୍ଶନରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati